

Odia Daily

www.theutkalsamachar.com

# ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR



✢Vol - 22✢ Issue No:88✢21 July 2026 (Tuesday)✢Rourkela ✢ Rs.2.00 ✢ Page -1 ✢୨୨ ବର୍ଷ ✢ସଂଖ୍ୟା:୮୮✢୨୧ ଜୁଲାଇ ୨୦୨୬ (ମଙ୍ଗଳବାର)✢ ରାଉରକେଲା ✢ମୂଲ୍ୟ:ଟ.୨.୦୦✢ ପୃଷ୍ଠା-୬


## ଆମେରିକାର ରୋଡସ ଆଇଲ୍ୟାଣ୍ଡରେ ରଥଯାତ୍ରା



ରୋଡସ ଆଇଲ୍ୟାଣ୍ଡ,୨୦/୭: ଯୁକ୍ତରାଷ୍ଟ୍ର ଆମେରିକାର ରୋଡସ ଆଇଲ୍ୟାଣ୍ଡ ରାଜ୍ୟରେ ରଥଯାତ୍ରା ଉତ୍ସବ ମହାସମାରୋହରେ ପାଳନ କରାଯାଇଛି ।ଏହି ଉପଲକ୍ଷେ ଚାରି ଠାକୁର ବିରାଜମାନ କରୁଥିବା ୱାରଓ୍ବିକ ସ୍ଥିତ ଶ୍ରୀ ସିଦ୍ଧି ବିନାୟକ ମନ୍ଦିରକୁ ଖୁବ ସୁନ୍ଦର ଭାବରେ ସଜା ଯାଇଥିବା ଦେଖା ଯାଇଥିଲା । ଏଠାରେ ସକାଳେ ମୁଖ୍ୟ ପୂଜାରୀ ଚନ୍ଦ୍ର ଶେଖରଙ୍କ ଦ୍ୱାରା ମଙ୍ଗଳ ଆରତୀ, ହୋମ ଓ ସ୍ୱତନ୍ତ୍ର ପୂଜାର୍ଚ୍ଚନା ତଥା ନୀତିକାନ୍ତି ଆଦି ଧାର୍ମିକ ବିଧି ଅନୁଯାୟୀ ସମ୍ପନ୍ନ କରାଯାଇଥିଲା । ରୋଡସ ଆଇଲ୍ୟାଣ୍ଡରେ ନବମ ଥର ପାଇଁ ଅନୁଷ୍ଠିତ ହେଉଥିବା ରଥଯାତ୍ରା ମହୋତ୍ସବକୁ କେନ୍ଦ୍ର କରି ଉପସ୍ଥିତ ଶତାଧିକ ଭକ୍ତଗଣଙ୍କ ମଧ୍ୟରେ ଅପୂର୍ବ ଆନନ୍ଦ, ଅସୀମ ଉଲ୍ଲାସ, ଅଜସ୍ର ଉତ୍ସାହ ଓ ଅଦମ୍ୟ ଉଦ୍ଦୀପନା ପରିଲକ୍ଷିତ କରାଯାଇଥିଲା । ଚଳିତବର୍ଷ ଘୋଷ ଯାତ୍ରାରେ ରୋଡସ ଆଇଲ୍ୟାଣ୍ଡର ଶ୍ରଦ୍ଧାଳୁମାନଙ୍କ ସହିତ ସୁଦୂର ପେନସିଲଭାନିଆ, ନିୟୁଜର୍ସି, କନେକ୍ଟିକଟ ଓ ମାସାଚ୍ୟୁଟସ ଆଦି ସ୍ଥାନରୁ ବହୁ ସଂଖ୍ୟାରେ ଓଡ଼ିଆ ଓ ଅଣଓଡ଼ିଆ ଭକ୍ତ, ସେମାନଙ୍କର ପରିବାରବର୍ଗ ଓ ବନ୍ଧୁ ପରିଜନଙ୍କ ସହିତ ଆସି ଭାଗ ନେଇଥିବାର ଲକ୍ଷ୍ୟ କରାଯାଇଥିଲା । ଦିନ ସାଢ଼େ ୧୧ ଟାରେ ମନ୍ତ୍ରର ଗହଗହ ଉଚ୍ଚାରଣ, ହରିବୋଲ, ହୁଳହୁଳି ଓ ଜୟ ଜଗନ୍ନାଥ ଧ୍ୱନି ତଥା ଶଙ୍ଖ, ଘଣ୍ଟ, କରତାଳ, ମର୍ଦ୍ଦଳ, ଝାଞ୍ଜ ଓ ମୃଦଙ୍ଗ ବାଜଣାର ଘୋର ଘର୍ଘର ସ୍ୱର ଝଙ୍କାର ଦ୍ୱାରା ଗଗନ ପବନ ପ୍ରକମ୍ପିତ ହେବା ମଧ୍ୟରେ ଚାରି ଠାକୁରଙ୍କର ଧାଡ଼ି ପହଣ୍ଡି ବିଜେ ଆରମ୍ଭ ହୋଇଥିଲା । ପ୍ରଥମେ ପ୍ରଭୁ ସୁଦର୍ଶନ, ତା'ପରେ ବଡ଼ଭାଇ ବଳଭଦ୍ର, ପରେ ପରେ ଦେବୀ ସୁଭଦ୍ରା ଓ ସବାଶେଷରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ସେବାୟତ ଓ ସଙ୍ଗଠକମାନେ ସାହି ରୋଷଣୀ କରି ମନ୍ଦିର ସାମ୍ନାରେ ଦଣ୍ଡାୟମାନ ସୁନ୍ଦର, ସୁରମ୍ୟ ଓ ବିଭିନ୍ନ ରଙ୍ଗବେରଙ୍ଗ କପଡାରେ ସୁସଜ୍ଜିତ ନବ ନିର୍ମିତ ରଥ ଉପରକୁ ନେଇ ଆସୀନ କରାଯାଇଥିଲା । ଏଠାରେ ମହିଳାମାନେ ଦେବୀ ସୁଭଦ୍ରାଙ୍କୁ ନଚେଇ ନଚେଇ ରଥ ଉପରକୁ ନେଉଥିବାର ଦୃଶ୍ୟ ଅତ୍ୟନ୍ତ ହୃଦୟସ୍ପର୍ଶୀ ଥିଲା । ରାଜଶ୍ରୀ ପଣ୍ଡା, ରଞ୍ଜିତା ପରିଡା, ସୁଦୀପା ନାୟକ ଏବଂ ଶ୍ରଦ୍ଧା ନାୟକ ପ୍ରମୁଖ ଶ୍ରୀଜିଉମାନଙ୍କୁ ଓ ସେମାନଙ୍କ ରଥକୁ ଖୁବ ସୁନ୍ଦର ଭାବରେ ଫୁଲମାଳ ସହିତ ସଜାଇ ଥିଲେ । ଶ୍ରୀ ସିଦ୍ଧି ବିନାୟକ ମନ୍ଦିରର ଅଧ୍ୟକ୍ଷ ନା ?ଗେଶ କାମସାନି ପାରମ୍ପରିକ ଛେରାପହଁରା କାର୍ଯ୍ୟ ସମ୍ପନ୍ନ କରିଥିଲେ । ଭଜନ, ଜଣାଣ ଓ କୀର୍ତ୍ତନର ତାଳେତାଳେ ଅପରାହ୍ନ ୧ଟା ବେଳେ ରଥଟଣା ପ୍ରକ୍ରିୟା ଆରମ୍ଭ କରାଯାଇଥିଲା । ରଥଟିକୁ ସିଦ୍ଧିବିନାୟକ ମନ୍ଦିରର ଚତୁଃପାର୍ଶ୍ୱରେ ଏକ କିଲୋମିଟର ଦୂର ପର୍ଯ୍ୟନ୍ତ ଟଣା ଯାଇ ପୁଣି ମନ୍ଦିର ବେଢ଼ାକୁ ଫେରାଇ ଅଣାଯାଇଥିଲା । ୱାରଓ୍ବିକର ରାଜରାସ୍ତାରେ ରାଜକୀୟ ଠାଣିରେ ଚତୁର୍ଦ୍ଧା ମୂର୍ତ୍ତି ଆରୋହଣ କରିଥିବା ଅପରୂପ ଓ ଅନୁପମ ରଥଟି ଗଡ଼ି ଗଡ଼ି ଚାଲିବାର ଦୃଶ୍ୟ ଅନନ୍ୟ ଓ ଅବିସ୍ମରଣୀୟ ଥିଲା । ଭକ୍ତ ଓ ଭଗବାନଙ୍କର ମିଳନର ଏହା ବିରଳ ଅବସର ଥିଲା ।

## ଦେଶରେ ପ୍ରଥମ ଡେଙ୍ଗୁ ଟିକାକୁ ମଞ୍ଜୁରୀ

### ୪ ରୁ ୬୦ ବର୍ଷର ବ୍ୟକ୍ତି ନେଇପାରିବେ ଭ୍ୟାକ୍ସିନ୍




ନୂଆଦିଲ୍ଲୀ,୨୦/୭: ଭାରତରେ ପ୍ରଥମ ଡେଙ୍ଗୁ ଟିକାକୁ ମଞ୍ଜୁରୀ । ଡେଙ୍ଗୁ ଟିକାକୁ ମଞ୍ଜୁରୀ ଦେଲା ଡଉଏଓ । ଡେଙ୍ଗୁ ଟିକା ଛଡରଘଏଇକୁ ମଞ୍ଜୁରୀ ଦେଲା ଡଉଏଓ । ୪ ବର୍ଷରୁ ୬୦ ବର୍ଷ ପର୍ଯ୍ୟନ୍ତ ବ୍ୟକ୍ତି ନେଇପାରିବେ ଟିକା । ପ୍ରତିବର୍ଷ ଦେଶରେ ଲକ୍ଷ ଲକ୍ଷ ଲୋକ ଡେଙ୍ଗୁର ଶିକାର ହୁଅନ୍ତି । ଡେଙ୍ଗୁରୁ ମୁକ୍ତି ପାଇଁ ଏହି ଟିକା ପ୍ରସ୍ତୁତ କରିଛି ଟେକେଡା ବାୟୋ ଫାର୍ମାସ୍ୟୁଟିକାଲ୍ସ । ପୂର୍ବରୁ ଏହି ଟିକାର ସୁପାରିସ୍ କରିଥିଲା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ।ପୂର୍ବରୁ ଡେଙ୍ଗୁ ହୋଇଥିଲା କି ନାହିଁ ତାହା ଜାଣିବା ଦରକାର ନାହିଁ । ଏହି ଭ୍ୟାକ୍ସିନର ଦୁଇଟି ଡୋଜ୍ ରହିଛି । ପ୍ରଥମ ଡୋଜ୍ର ୩ ମାସ ପରେ ଦ୍ୱିତୀୟ ଡୋଜ୍ ଦିଆଯିବ ।ପୂର୍ବରୁ 'ଛଡରଘଏଇ'କୁ ୪୩ଟି ଦେଶ ମଞ୍ଜୁରୀ ଦେଇ ସାରିଛି ।ସାରା ବିଶ୍ୱରେ ୩୨ ନିୟୁତ ଡୋଜ୍ 'ଛଡରଘଏଇ' ଦିଆସରିଛି । 'ଟକେଡା ବାୟୋଫାର୍ମାସିଟିକାଲ୍ସ' ପ୍ରସ୍ତୁତ କରିଛି 'ଛଡରଘଏଇ' ଭ୍ୟାକ୍ସିନ୍ । କ'ଣ ଛଡରଘଏଇ ଭ୍ୟାକ୍ସିନ ? ଛଡରଘଏଇ ଭାରତରେ ମଞ୍ଜୁର ହୋଇଥିବା ପ୍ରଥମ ଡେଙ୍ଗୁ ଭ୍ୟାକ୍ସିନ । ଏହାର ବିଶେଷତ୍ୱ ହେଉଛି ଏହାକୁ ଲଗାଇବା ପୂର୍ବରୁ ଜଣେ ବ୍ୟକ୍ତିଙ୍କୁ ପୂର୍ବରୁ ଡେଙ୍ଗୁ ହୋଇଛି ନା ନାହିଁ ଟେଷ୍ଟ କରିବାକୁ ପଡ଼ିବ ନାହିଁ । ଅର୍ଥାତ ଏହି ଭ୍ୟାକ୍ସିନକୁ କେହି ବି ଲଗାଇପାରିବେ । ଯଦି କାହାକୁ ପୂର୍ବରୁ ଡେଙ୍ଗୁ ହୋଇଛି, କିମ୍ବା କାହାକୁ ହୋଇନାହିଁ ଉଭୟ ଏହି ଭ୍ୟାକ୍ସିନ ନେଇ ପାରିବେ । ଏହି ଭ୍ୟାକ୍ସିନ ପାଇଁ ବୟସ ୪ ରୁ ୬୦ ବର୍ଷ ହୋଇଥିବା ଦରକାର । ୩ ମାସ ଅନ୍ତରରେ ୨ଟି ଡୋଜ୍ ନେଇପାରିବେ । ଏହି ଟିକା ମଞ୍ଜୁରୀ ଗୁରୁତ୍ୱପୂର୍ଣ୍ଣ କାହିଁକି ? ବିଶ୍ୱରେ ସର୍ବାଧିକ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ଥିବା ଦେଶମାନଙ୍କ ମଧ୍ୟରେ ଭାରତ ଅନ୍ୟତମ । ଆକଳନ ଅନୁଯାୟୀ, ବିଶ୍ୱ ତୁଳନାରେ ଭାରତରେ ଏକ ତୃତୀୟାଂଶ ଡେଙ୍ଗୁ ରୋଗୀ ରହିଛି । ଗତ ୨୦ ବର୍ଷ ମଧ୍ୟରେ ଭାରତରେ ରିପୋର୍ଟ ହୋଇଥିବା ଡେଙ୍ଗୁ ମାମଲା ପ୍ରାୟ ୧୧ ଗୁଣ ବୃଦ୍ଧି ପାଇଛି ।

## ରାଜଧାନୀରେ ବୁଲିଲା ଖଣ୍ଡା ; ଯୁବକ ଗୁରୁତର



ଭୁବନେଶ୍ୱର,୨୦/୭(ନି/ପ୍ର):ପୁଣି ରାଜଧାନୀରେ ବୁଲିଲା ଖଣ୍ଡା । ଦିନ ଦ୍ୱିପ୍ରହରରେ ଲିଙ୍ଗରାଜ ଥାନା ସାମନ୍ତରାପୁରରେ ଯୁବକଙ୍କୁ ସୋମବାର ମରଣାନ୍ତକ ଆକ୍ରମଣ ହୋଇଛି । ପାରିବାରିକ କଳହରୁ ଏହି ଆକ୍ରମଣ ହୋଇଥିବା ବେଳେ ଗୁରୁତର ଅବସ୍ଥାରେ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି । ପୁଲିସ ଘଟଣାର ତଦନ୍ତ କରୁଛି ।

## ଏଣିକି ମାଟିତଳେ ଯିବ ବିଦ୍ୟୁତ ତାର



ଭୁବନେଶ୍ୱର,୨୦/୭(ନି/ପ୍ର): ରାଜ୍ୟରେ ବିପର୍ଯ୍ୟୟ ପରିଚାଳନା ନେଇ ସରକାରଙ୍କ ବଡ଼ ପ୍ରସ୍ତୁତି । ଏଣିକି ମାଟିତଳେ ବିଦ୍ୟୁତ ତାର ବିଛାଇବା ପାଇଁ ମୋଡାଲିଟି ପ୍ରସ୍ତୁତ କରାଯାଇଛି । ଏନେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ବିସ୍ତୃତ ଭାବେ ପ୍ରକାଶ କରିଛନ୍ତି । ସେ କହିଛନ୍ତି କି, ଉଚଜ ପ୍ରସ୍ତୁତ ପାଇଁ ଶକ୍ତି ସଚିବଙ୍କୁ ଦାୟିତ୍ୱ ଦିଆଯାଇଛି । ଖୁବଶୀଘ୍ର ମାଟିତଳେ ବିଚାଜିବ ବିଦ୍ୟୁତ ତାର ।ସହନଶୀଳତା ପାଇଁ ରାଜସ୍ୱ ବିଭାଗର ଏଭଳି ବଡ଼ ଯୋଜନା ରହିଛି । ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସବୁଠାରୁ ଅଧିକ କ୍ଷତି ହୋଇଥାଏ ଶକ୍ତି ବିଭାଗ । ଯାହାର ଆକଳନ କରିଥାଏ ରାଜସ୍ୱ ବିଭାଗ । ତେଣୁ ଆଗକୁ କିଭଳି ଏହି କ୍ଷୟକ୍ଷତି କମ୍ ହେବ ସେଥିପାଇଁ ଚିନ୍ତା କରୁଛି ରାଜସ୍ୱ ବିଭାଗ । ତେଣୁ ସରକାର ଚିନ୍ତା କରୁଛନ୍ତି ମାଟିତଳେ ବିଦ୍ୟୁତ ତାର ବିଛାଯିବା ପାଇଁ । ଏଣୁ ଶକ୍ତି ବିଭାଗ ସଚିବଙ୍କ ସହ ଆଲୋଚନା କରି ଉଚଜ ପ୍ରସ୍ତୁତ କରିବା ପାଇଁ କୁହାଯାଇଛି । ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କୁ ଉଚଜ ଦେବେ । ଘରୋଇକରଣ ହୋଇଯାଇଥିବାରୁ ଭିତିଭୂମି ଆବଣ୍ଟନ କରିବା ପାଇଁ ଟାଟାକୁ ଦିଆଯାଇଛି । ଏହାର ଲାଭାଂଶ ଟାଟା ପାୱାର ପାଖକୁ ନଯାଇ କିଭଳି ଲୋକଙ୍କ ପାଖରେ ପହଂଚିବ ସେଥିପାଇଁ ଆଲୋଚନା କରାଯାଇଛି । ।

## ଓଡ଼ିଶାରେ ୨ଟି ଭାସମାନ ସୌର ବିଦ୍ୟୁତ ପ୍ରକଳ୍ପ ପାଇଁ ଆଗେଇଲା କାମ

### ଫ୍ଲୋଟିଂ ସୋଲାର ଫୋଟୋଭଲଟାଇକ୍ ପ୍ରକଳ୍ପ ପାଇଁ ଜଳଭଣ୍ଡାର ଖୋଜା



ଭୁବନେଶ୍ୱର,୨୦/୭(ନି/ପ୍ର): ରାଜ୍ୟରେ ଆଗେଇବ ଭାସମାନ ସୌର ବିଦ୍ୟୁତ ପ୍ରକଳ୍ପ । ୨ଟି ମଧ୍ୟମ ଧରଣର ଜଳ ଭଣ୍ଡାରରେ ଫ୍ଲୋଟିଂ ସୋଲାର୍ ଫୋଟୋଭଲଟାଇକ୍ (ଏଫ୍ଏସପିଭି) ପ୍ରକଳ୍ପ କାର୍ଯ୍ୟକାରୀ ହେବ । ଏଥିପାଇଁ ୬ଟି ମଧ୍ୟମ ଧରଣର ଜଳଭଣ୍ଡାର ଯାଚଂ କରାଯିବ । ଏହି ସମସ୍ତ ଜଳଭଣ୍ଡାର ବୁଲିବା ପରେ ଅଧିକାରୀମାନେ ୨ଟି ଜଳଭଣ୍ଡାରକୁ ମନୋନୀତ କରିବେ । ବିଭିନ୍ନ ବିଭାଗର ଅଧିକାରୀମାନେ ମିଳିତ ଭାବେ ଯାଚଂ କରିବା ପରେ ଚୂଡାନ୍ତ କରାଯିବ । ଜଳଭଣ୍ଡାରରେ ଭାସମାନ ସୌର ବିଦ୍ୟୁତ ପ୍ରକଳ୍ପ ସମ୍ଭାବନା ଗଜପତି ଜିଲ୍ଲାର ହରଭାଙ୍ଗି ଡ୍ୟାମ୍‌ରେ ଖୋଜା ସରିଥିବା ବେଳେ ୨୦ ଓ ୨୧ ତାରିଖରେ ଢେଙ୍କାନାଳ ଜିଲ୍ଲାର ରାମିଆଲ୍ ଡ୍ୟାମ୍ ଓ ଅନୁଗୁଳ ଜିଲ୍ଲାର ଡ଼େରଜଙ୍ଗ ଡ୍ୟାମ୍ ୨୨ ଓ ୨୩ ତାରିଖରେ ବରଗଡ଼ ଜିଲ୍ଲାର ଝାରବନ୍ଧ ଡ୍ୟାମ୍ ଓ ଦେବଗଡ଼ ଜିଲ୍ଲାର ଗୋହିରା ଡ୍ୟାମ୍‌କୁ ଅଧିକାରୀମାନେ ଗସ୍ତ କରିବେ । ସେଠାରେ ଭାସମାନ ସୌର ବିଦ୍ୟୁତ ପ୍ରକଳ୍ପ କଲେ କେତେ ଦୂର ଲାଭବାନ ହେବ, ସେ ବାବଦରେ ଆକଳନ କରିବେ । ଡ୍ୟାମର ନିକଟବର୍ତ୍ତୀ ଓଡ଼ିଶା ବିଦ୍ୟୁତ ସଚାଂରଣ ନିଗମ ଲିମିଟେଡ୍ (ଓପିଟିସିଏଲ୍)ର ସବଷ୍ଟେସନ ବୁଲି ଦେଖିବେ । ସେଠାରୁ କେମିତି ଅଧିକରୁ ଅଧିକ ବିଦ୍ୟୁତ ଉତ୍ପାଦନ ହେବ, ତାହାର ସମ୍ଭାବନା ଯାଚଂ କରିବେ । ଭାସମାନ ସୌର ବିଦ୍ୟୁତ ପ୍ରକଳ୍ପ ସମ୍ଭାବନା ନେଇ ଗସ୍ତବେଳେ ରାଜ୍ୟ ସରକାରଙ୍କ ଶକ୍ତି ବିଭାଗ, ଶିକ୍ଷ ବିଭାଗ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ, ଜଙ୍ଗଲ ଓ ପରିବେଶ ବିଭାଗ, ପର୍ଯ୍ୟଟନ ବିଭାଗର ଅଧିକାରୀମାନେ ମିଳିତ ଭାବେ ଯାଚଂ କରିବେ । ଏହା ସହିତ ଗ୍ରୀଡକୋ ଓ ଓପିଟିସିଏଲ୍ର ଅଧିକାରୀ ମଧ୍ୟ ଯିବେ ବୋଲି ରାଜ୍ୟ ଜଳସମ୍ପଦ ବିଭାଗର ମୁଖ୍ୟ ଯନ୍ତ୍ରୀ ଇଞ୍ଜିନିୟର ସୁଶିଲ କୁମାର ବେହେରା ସୂଚନା ଦେଇଛନ୍ତି ।

## ପ୍ରବଳ ବର୍ଷାରୁ ଭୟାବହ ଭୂସ୍ଖଳନ: ନାଗାଲାଣ୍ଡରେ ୮ ମୃତ, ଜମ୍ମୁକାଶ୍ମୀରରେ ୧୨ ମୃତ



କୋହିମା,୨୦/୭: ନାଗାଲାଣ୍ଡର ମୋନ୍ ଜିଲ୍ଲାର ଏକାଧିକ ସ୍ଥାନରେ ରବିବାର ପ୍ରବଳ ବର୍ଷା ଯୋଗୁଁ ଘଟିଥିବା ଭୟାବହ ଭୂସ୍ଖଳନରେ ଅନେକ ଜୀବନହାନି ଘଟିଛି । ସ୍ଥାନୀୟ ପ୍ରଶାସନର ପ୍ରାରମ୍ଭିକ ଆକଳନ ଅନୁସାରେ, ଏହି ପ୍ରାକୃତିକ ବିପର୍ଯ୍ୟୟରେ ପ୍ରାୟ ୮ ଜଣ ବ୍ୟକ୍ତି ପ୍ରାଣ ହରାଇଛନ୍ତି ଏବଂ ୧୨ ଜଣ ଗୁରୁତର ଆହତ ହୋଇଛନ୍ତି । ମୋନ୍ ଜିଲ୍ଲାର ଡେପୁଟି କମିସନର ୱେନି କୋନ୍ୟାକଙ୍କ ସୂଚନା ମୁତାବକ ଗତ ରାତିସାରା ପ୍ରବଳ ବର୍ଷା ଲାଗି ରହିଥିଲା ଏବଂ ସକାଳ ୬ରୁ ୭ଟା ମଧ୍ୟରେ ବିଭିନ୍ନ ସ୍ଥାନରେ ପାହାଡ଼ ଧସିଥିଲା । ବିପର୍ଯ୍ୟୟ ଯୋଗୁଁ ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିବା ବେଳେ ବ୍ୟାପକ ସରକାରୀ ଓ ଘରୋଇ ସମ୍ପତି ନଷ୍ଟ ହୋଇଛି । ପ୍ରଶାସନର ସୂଚନା ଅନୁସାରେ, ଭୂସ୍ଖଳନ ପ୍ରଭାବରେ ବିଶେଷ କରି ମୋନ୍ ସହର ଏବଂ ଟିଜିଟ୍ ଅଂଚଳ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛି । ବ୍ୟାପକ ମାଟି ଅତଡ଼ା ସହ ବଡ଼ ପଥର ଧସି ଆବାସିକ କ୍ଷେତ୍ରଗୁଡ଼ିକ ଉପରେ ପଡ଼ିବା ଫଳରେ ଅନେକ ପରିବାରର ବାସଗୃହ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଛି । ଅନେକ ସ୍ଥାନୀୟ ଲୋକେ ଅତଡ଼ା ତଳେ ଫସି ରହିଥିବା ଆଶଙ୍କା କରାଯାଉଛି । ଏହି ପ୍ରାକୃତିକ ଦୁର୍ଘଟଣା ଯୋଗୁଁ ଜିଲ୍ଲାର ଆନ୍ତଃସଂଯୋଗୀକରଣ ସଡ଼କ ପଥଗୁଡ଼ିକ ଅବରୋଧ ହୋଇ ଯାଇଥିବାରୁ ଯାତାୟାତ ଏବଂ ଜରୁରିକାଳୀନ ଯୋଗାଯୋଗ ବାଧାପ୍ରାପ୍ତ ହୋଇଛି । ବର୍ତ୍ତମାନ ସୁଦ୍ଧା ଉଦ୍ଧାରକାରୀ ଦଳ ମାଟି ଓ ଆବର୍ଜନା ତଳୁ ୪ ଜଣଙ୍କ ମୃତଦେହ ବାହାର କରିବାରେ ସଫଳ ହୋଇଛନ୍ତି, ଯେଉଁଥିରେ ୩ ଜଣ ମହିଳା ଏବଂ ଜଣେ ପୁରୁଷ ଅଛନ୍ତି । ଅବଶିଷ୍ଟ ନିଖୋଜ ବ୍ୟକ୍ତିମାନଙ୍କୁ ଖୋଜିବା ପାଇଁ ଘଟଣାସ୍ଥଳରେ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବଳ (ଏସ୍‌ଡିଆରଏଫ୍), ନାଗାଲାଣ୍ଡ ପୁଲିସ, ଆସାମ ରାଇଫଲ୍ସ ଏବଂ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳର ମିଳିତ ଟିମ୍ ସ୍ଥାନୀୟ ସ୍ୱେଚ୍ଛାସେବୀଙ୍କ ସହାୟତାରେ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ ଜାରି ରଖିଛନ୍ତି । ବିପଦସଙ୍କୁଳ ଅଂଚଳରୁ ସାଧାରଣ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଉଛି ।ଜମ୍ମୁକାଶ୍ମୀରର ପୁଂଚ ଓ ରାଜୌରୀ ଜିଲ୍ଲାରେ ଲଗାଣ ବର୍ଷା ପରେ ଅଚାନକ ବନ୍ୟା ଓ ଭୂସ୍ଖଳନ ଯୋଗୁଁ ବ୍ୟାପକ କ୍ଷୟକ୍ଷତି ଘଟିଛି । ଏହି ପ୍ରାକୃତିକ ବିପର୍ଯ୍ୟୟରେ ରବିବାର ସୁଦ୍ଧା ୧୨ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୬ ଜଣ ନିଖୋଜ ଥିବା ଜଣାପଡ଼ିଛି । ଉଦ୍ଧାରକାରୀ ଦଳ ନିଖୋଜଙ୍କୁ ଖୋଜିବା ସହ ପ୍ରଭାବିତ ଅଂଚଳରେ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି । ପୁଂଚ ଜିଲ୍ଲାରେ ପାହାଡ଼ିଆ ଝରଣା ଓ ନଦୀଗୁଡ଼ିକ ଉଚ୍ଛୁଳିବାରୁ ଅନେକ ଘର, ଦୋକାନ, ରାସ୍ତା ଓ ଯାନବାହନ କ୍ଷତିଗ୍ରସ୍ତ ହୋଇଛି । ରାଜୌରୀର ବହୁ ଅଂଚଳରେ ଆକସ୍ମିକ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି । ବହୁ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି । ଏହି ଘଟଣା ପରେ ଜମ୍ମୁକାଶ୍ମୀରର ଉପରାଜ୍ୟପାଳ ପରିସ୍ଥିତିର ସମୀକ୍ଷା କରିଛନ୍ତି । ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ଦିଲ୍ଲୀ ଗସ୍ତ ମଝିରୁ ଫେରି ବନ୍ୟା ପରିସ୍ଥିତି ଉପରେ ନଜର ରଖିଛନ୍ତି । କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଉପରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ସହ ଫୋନ୍‌ରେ କଥା ହୋଇ ପରିସ୍ଥିତି ସମ୍ପର୍କରେ ପଚାରି ବୁଝିଛନ୍ତି । ପ୍ରବଳ ବର୍ଷା ଜାରି ରହିଥିବାରୁ ପ୍ରଶାସନ ଲୋକଙ୍କୁ ନଦୀ, ନାଳ ଓ ଭୂସ୍ଖଳନପ୍ରବଣ ଅଂଚଳଠାରୁ ଦୂରରେ ରହିବାକୁ ପରାମର୍ଶ ଦେଇଛି । ସୁରକ୍ଷା ଦୃଷ୍ଟିରୁ ଅମରନାଥ ଓ ବୈଷ୍ଣୋଦେବୀ ଯାତ୍ରାକୁ ସାମୟିକ ଭାବେ ବନ୍ଦ ରଖାଯାଇଛି । ଏନ୍‌ଡିଆରଏଫ୍, ଏସ୍‌ଡିଆରଏଫ୍, ପୁଲିସ ଓ ସେନାର ବିଭିନ୍ନ ଦଳ ଉଦ୍ଧାର ଏବଂ ରିଲିଫ କାର୍ଯ୍ୟରେ ନିୟୋଜିତ ଅଛନ୍ତି ।

## ଲୋକଙ୍କ କଲ୍ୟାଣ ପାଇଁ ମୌସୁମୀ ଅଧିବେଶନ ଫଳପ୍ରଦ ହେଉ: ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ



ନୂଆଦିଲ୍ଲୀ,୨୦/୭:ମୌସୁମୀ ଅଧିବେଶନ ଆରମ୍ଭ ହେବା ପୂର୍ବରୁ ଗଣମାଧ୍ୟମକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ ମୌସୁମୀ ହେଉ କିମ୍ବା ମୌସୁମୀ ଅଧିବେଶନ, ଯଦି ଉଭୟ ସକାରାତ୍ମକ ଥାଏ, ତେବେ ଏହା ଅତ୍ୟନ୍ତ ଲାଭଦାୟକ । ଏହା ଦେଶ ଏବଂ ସମସ୍ତ ଜୀବଜନ୍ତୁଙ୍କ ପାଇଁ ଲାଭଦାୟକ । ତେଣୁ, ଆମେ ପ୍ରାର୍ଥନା କରୁଛୁ ଯେ ମୌସୁମୀ ସକ୍ରିୟ ରହୁ ଏବଂ ମୌସୁମୀ ଅଧିବେଶନ ମଧ୍ୟ ଫଳପ୍ରଦ ରହୁ । ପ୍ରଧାନମନ୍ତ୍ରୀ କହିଛନ୍ତି, ଲଗାତାର ଯୁଦ୍ଧ ଭଳି ପରିସ୍ଥିତି ଜାରି ରହିଛି । ପଶ୍ଚିମ ଏସିଆରେ ଯୁଦ୍ଧ ଭାରତରେ ମଧ୍ୟ ସଙ୍କଟର ଏକ ପ୍ରମୁଖ କାରଣ ରହିଛି । ଏହା ପ୍ରତ୍ୟେକ କ୍ଷେତ୍ରରେ ଅନେକ ବାଧା ସୃଷ୍ଟି କରିଛି । ଏହା ସତ୍ତ୍ୱେ, ଭାରତ ୭.୭% ଅଭିବୃଦ୍ଧି ହାର ସହିତ ଅଗ୍ରଗତି କରୁଛି । ଏହା ଭାରତର ଶକ୍ତିର ପ୍ରମାଣ । ଗତ ମାସରେ, ଦେଶ ଅନେକ ସଫଳତା ହାସଲ କରିଛି । ଜାତୀୟ, ଆନ୍ତର୍ଜାତୀୟ ଏବଂ ବର୍ତ୍ତମାନ ମଧ୍ୟ ମହାକାଶ କ୍ଷେତ୍ର ଭାରତ ପାଇଁ ଗର୍ବର ମୁହୂର୍ତ୍ତ ପାଲଟିଛି । ଗତ ବର୍ଷ, ମୌସୁମୀ ଋତୁ ପୂର୍ବରୁ, ଜଣେ ଭାରତୀୟ ନାଗରିକ ଅନ୍ତର୍ଜାତୀୟ ମହାକାଶ ଷ୍ଟେସନରେ ଅବତରଣ କରିଥିଲେ । ଏକ ଭାରତୀୟ ଷ୍ଟାର୍ଟଅପ୍ ଗୁରୁତ୍ୱପୂର୍ଣ୍ଣ ସଫଳତା ହାସଲ କରିଛି । ଏହା ଏକ ସଂଯୋଗ ନୁହେଁ, ବରଂ ଏକ ଶକ୍ତିଶାଳୀ ବାର୍ତ୍ତା । ଆମ ଯୁବପିଢ଼ିର ସମ୍ଭାବନା ଏବଂ ଆକାଂକ୍ଷା ମହାକାଶ ପରି ଅସୀମ । ସମ୍ପ୍ରତି, ରାଜସ୍ଥାନରେ ଏକ ବିଶାଳ ତୈଳ ବିଶୋଧନାଗାର ଦେଶ ପାଇଁ ଉତ୍ସର୍ଗ କରାଯାଇଥିଲା । କିଛି ସପ୍ତାହ ପୂର୍ବେ ଦେଶର ତୃତୀୟ ସେମିକଣ୍ଡକ୍ଟର ପ୍ଲାଂଟ ଦେଶ ପାଇଁ ଉତ୍ସର୍ଗ କରାଯାଇଥିଲା । କିଛି ଦିନ ପୂର୍ବେ, ସବୁଜ ହାଇଡ୍ରୋଜେନରେ ଚାଲୁଥିବା ଏକ ଟ୍ରେନ୍ ଦେଶ ପାଇଁ ଉତ୍ସର୍ଗ କରାଯାଇଥିଲା । ବିଶ୍ୱର ବହୁତ କମ୍ ଦେଶ ପାଖରେ ଏହି ସୁବିଧା ଅଛି । କିନ୍ତୁ ଭାରତ ଦେଶବାସୀଙ୍କୁ ଉତ୍ସର୍ଗ କରିଥିବା ହାଇଡ୍ରୋଜେନ୍ ଟ୍ରେନ୍ ସବୁଠାରୁ ଶକ୍ତିଶାଳୀ ଇଞ୍ଜିନ୍ ଏବଂ ସବୁଠାରୁ ଲମ୍ବା ମଧ୍ୟ ରହିଛି । ମୁଁ ବିଶ୍ୱାସ କରେ ଯେ ଯେଉଁଠାରେ ତଥ୍ୟ ଅଛି, ସେଠାରେ ହଟ୍ଟଗୋଳର ଆବଶ୍ୟକତା ନାହିଁ । ଯଦି ଆପଣଙ୍କର ଯୁକ୍ତି ଏବଂ ତଥ୍ୟ ସୁଦୃଢ଼, ତେବେ ଆପଣଙ୍କ ସ୍ୱର ଉଠାଇବାର ଆବଶ୍ୟକତା ନାହିଁ । ମୁଁ ଆଶା କରୁଛି ଯେ, ସଂସଦରେ ଆଲୋଚନା ଯୁକ୍ତି ଏବଂ ତଥ୍ୟ ଉପରେ ଆଧାରିତ ହେବ । ପ୍ରତ୍ୟେକ ସ୍ୱରକୁ ଶୁଣିବାର ସୁଯୋଗ ମିଳିବା ଉଚିତ୍ । ଏହା ସଂସଦର ଭୂମିକା । ମୁଁ ସମସ୍ତ ସାଂସଦଙ୍କୁ ଏଥିରେ ଅଂଶଗ୍ରହଣ କରିବାକୁ ଅନୁରୋଧ କରୁଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । କିଛି ସପ୍ତାହ ପୂର୍ବେ ଦେଶର ତୃତୀୟ ସେମିକଣ୍ଡକ୍ଟର ପ୍ଲାଂଟ ଦେଶ ପାଇଁ ଉତ୍ସର୍ଗ କରାଯାଇଥିଲା ।

## ଜଳୁଛି ମଧ୍ୟପ୍ରାଚ୍ୟ: ଆମେରିକା ଲଗାତାର ନବମ ରାତିରେ ଇରାନ ଉପରେ ଆକ୍ରମଣ କଲା



ତେହେରାନ/ୱାସିଂଟନ,୨୦/୭: ଆମେରିକା ଲଗାତାର ନବମ ରାତିରେ ଇରାନ ଉପରେ ଆକ୍ରମଣ ଆରମ୍ଭ କରିଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ, ଇରାନ ଆକ୍ରମଣରେ ମୃତ ଆମେରିକୀୟ ସୈନିକଙ୍କ ସ୍ମୃତିରେ, ସେମାନଙ୍କୁ ସମ୍ମାନ ଜଣାଇ ଇରାନ ଉପରେ ଆକ୍ରମଣ କରାଯାଉଛି । ଅନ୍ୟପକ୍ଷରେ, ହର୍ମୁଜ୍ ପ୍ରଣାଳୀରେ ସଙ୍କଟ ଜାରି ରହିଛି । ୟୁକେ ମେରିଟାଇମ୍ ଟ୍ରେଡ୍ ଅପରେସନ ଏଜେନ୍ସି କହିଛି ଯେ, ହର୍ମୁଜ୍ ପ୍ରଣାଳୀରେ ଆକ୍ରମଣ ପରେ ଏକ ତେଲ ଟ୍ୟାଙ୍କରରେ ବିସ୍ଫୋରଣ ଘଟି ନିଆଁ ଲାଗିଯାଇଥିଲା । ଓମାନର କୁମଜାରରୁ ପ୍ରାୟ ୮ ନଟିକାଲ୍ ମାଇଲ୍ ଉତରପଶ୍ଚିମରେ ତେଲ ଟ୍ୟାଙ୍କରଟି ଥିବା କୁହାଯାଉଛି । ଇରାନର ଇସଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ (ଆଇଆରଜିସି)ଦାବି କରିଛି ଯେ ଦକ୍ଷିଣ ହର୍ମୁଜ୍ ପ୍ରଣାଳୀରେ ସମୁଦ୍ର ମାଇନ୍ସ ବିସ୍ଫୋରଣରେ ଦୁଇଟି ତେଲ ଟ୍ୟାଙ୍କର୍ କ୍ଷତିଗ୍ରସ୍ତ ହୋଇଛି । ଟ୍ୟାଙ୍କର୍ ଦୁଇଟି ହର୍ମୁଜ୍ ଦେଇ ଯିବାକୁ ଚେଷ୍ଟା କରୁଥିଲେ । ଆମେରିକୀୟ ସେନା ଦ୍ୱାରା ସେମାନଙ୍କୁ ଏହି ରାସ୍ତା ବ୍ୟବହାର କରିବାକୁ ପ୍ରରୋଚିତ କରାଯାଇଥିଲା । ଆଇଆରଜିସି କହିଛି, ଯେପର୍ଯ୍ୟନ୍ତ ଏହି ଅଂଚଳରେ ଆମେରିକାର ଆକ୍ରମଣ ଜାରି ରହିବ, ସେପର୍ଯ୍ୟନ୍ତ ଏହି ଜଳପଥ ଅସୁରକ୍ଷିତ ରହିବ । ହର୍ମୁଜ୍ ବାଟେ ପେଟ୍ରୋକେମିକାଲ୍ ଉତ୍ପାଦ, ଗ୍ୟାସ୍ ଏବଂ ତେଲର ଏକ ବୁନ୍ଦା ମଧ୍ୟ ପରିବହନ କରିବାକୁ ଅନୁମତି ଦିଆଯିବ ନାହିଁ । ବିଶ୍ୱକପ୍ ଫାଇନାଲ୍ ପରେ ୱାସିଂଟନ ଫେରିବା ସମୟରେ ସାମ୍ବାଦିକମାନଙ୍କ ସହ କଥାବାର୍ତ୍ତା କରି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଥିଲେ, ଆମେ ଆଜି ରାତିରେ ସେମାନଙ୍କ ଉପରେ ପୁଣି ଥରେ ଜୋରଦାର ଆକ୍ରମଣ କରିଛୁ । ଆମେରିକାର କେନ୍ଦ୍ରୀୟ କମାଣ୍ଡ ସେଂଟକମ୍ ରବିବାର ବିଳମ୍ବିତ ରାତିରେ ଘୋଷଣା କରିଛି ଯେ ଏହା ଲଗାତାର ନବମ ରାତିରେ ଇରାନ ବିରୁଦ୍ଧରେ ଆକ୍ରମଣ କରିଛୁ । ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏକ ପୋଷ୍ଟରେ କୁହାଯାଇଛି ଯେ, ହର୍ମୁଜ ପ୍ରଣାଳୀରେ ଇରାନ ବାଣିଜ୍ୟିକ ଜାହାଜ ଏବଂ ନାବିକ ଉପରେ ଆକ୍ରମଣ କରୁଛି । ଇରାନର ସାମରିକ କ୍ଷମତାକୁ ହ୍ରାସ କରିବା ପାଇଁ ଏହି ଆକ୍ରମଣ କରାଯାଇଥିଲା । ଆମେରିକାର ଆକ୍ରମଣର କଡ଼ା ଜବାବ ଇରାନ ଦେଇଛି । କୁଏତ କହିଛି ଯେ, ଆମେ ଇରାନୀ ଡ୍ରୋନ୍ ଆକ୍ରମଣକୁ ରୋକିବାର ପ୍ରୟାସ କରୁଛୁ । ଇରାନର ରିଭୋଲ୍ୟୁସନାରୀ ଗାର୍ଡ ସିରିଆରେ ଏକ 'ଶତ୍ରୁ କମାଣ୍ଡ ସେଂଟର' ଉପରେ ଆକ୍ରମଣ କରିଥିବା ଦାବି କରିଛି । ବାହାରିନର ଗୃହ ମନ୍ତ୍ରଣାଳୟ କହିଛି ଯେ, ଇରାନର ବିମାନ ଆକ୍ରମଣ ଯୋଗୁଁ ସତର୍କତା ସାଇରନ୍ ବାଜିଛି ଏବଂ ନାଗରିକଙ୍କୁ ନିରାପଦ ସ୍ଥାନକୁ ଯିବାକୁ ଅନୁରୋଧ କରାଯାଇଛି । ଇରାନ କହିଛି, କୁଏତରେ ଦୁଇଟି ଆମେରିକୀୟ ଘାଟିକୁ ଟାର୍ଗେଟ କରାଯାଇଛି ।



# କେନ୍ଦୁଝର ସମାଚାର

A.R. KHAN
ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122

## ବୟସ୍କ ବ୍ୟକ୍ତିଙ୍କ ଉପରେ ଚଢ଼ିଗଲା ଦ୍ରୁତଗାମୀ କାର



ଘସିପୁର,୨୦/୭(ନି/ପ୍ର): କେନ୍ଦୁଝରଜିଲ୍ଲା ଘସିପୁରା ଥାନା ଅନ୍ତର୍ଗତ ବିରଗୋବିନ୍ଦପୁର ଜଗନାଥ ମନ୍ଦିର ସାମ୍ନାରେ ଏକ ଦୁର୍ଘଟଣା ଘଟିଛି। କେନ୍ଦୁଝର ଆଡୁ ଆନନ୍ଦପୁର ଅଭିମୁଖେ ଯାଉଥିବା ୨୦ ନମ୍ବର ଜାତୀୟ ରାଜପଥ ଉପରେ ଘଟିଥିବା ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଛି। ମୃତ ବ୍ୟକ୍ତି ବିରଗୋବିନ୍ଦପୁର ଗ୍ରାମର ଚକୁଆସାହିର ରମେଶ ନାଇକ ((୫୫)। ସୂଚନା ଅନୁସାରେ, ରମେଶ ଆଜି ସନ୍ଧ୍ୟା ସମୟରେ ମଜୁରି ଲାଗି ଫେରୁଥିବା ସମୟରେ ରାସ୍ତା ଉପରେ ଏକ ନାଲି କାର ଧକ୍କା ଦେଇ ପଳାଇଯିବା ପରେ ଏକ ଧଳା କାର ତାଙ୍କ ଉପରେ ଚଢାଇ ଦେଇଥିବା ଉପସ୍ଥିତ ବ୍ୟକ୍ତି ମାନେ ପ୍ରକାଶ କରିଛନ୍ତି। ଘଟଣାସ୍ଥଳରୁ ଦୁଇଟି କାର ଫେରାର ହୋଇଯାଇଥିବା ବେଳେ କ୍ଷତିପୂରଣ ଦାବିରେ ଉନ୍ମକ୍ତ ଜନତା କୋଡିଏ ନମ୍ବର ଜାତୀୟ ରାଜପଥ ଅବରୋଧ କରିଛନ୍ତି କ୍ଷ ଦ୍ରୁତ ଗାଡ଼ି ଚାଳନା ଯୋଗୁ ରାସ୍ତା ଅନ୍ଧକାର ଥିବାରୁ ଆଲୋକର ବ୍ୟବସ୍ଥା ନାହିଁ ତା ସହ ସିସିଟିଭି କ୍ୟାମେରା ନଥିବାରୁ ଚାଳକମାନେ ଦ୍ରୁତ ଗତିରେ ଚଳାଇବା ଯୋଗୁ ବାରମ୍ବାର ଏହି ସ୍ଥାନରେ ଦୁର୍ଘଟଣା ଘଟୁଛି ବୋଲି ଅଭିଯୋଗ କରିଛନ୍ତି ଅଚଂଳବାସୀ। ଘଟଣାସ୍ଥଳରେ ଘସିପୁରା ଥାନା ଅଧିକାରୀ କିଶୋର ଚନ୍ଦ୍ର ପ୍ରଧାନ ପହଂଚି ଉନକ୍ତ ଲୋକଙ୍କୁ ବୁଝାସୁଝା ସହ ପ୍ରତିଶୃତି ପରେ ରାସ୍ତାରୋକ ହଟିଥିଲା। ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ପରିବାର ରେ ପତ୍ନୀ ତାଙ୍କର ଦୁଇଟି ପୁଅ ଏବଂ ଗୋଟିଏ ଝିଅ ଥିବା ବେଳେ ସେମାନେ ଅତ୍ୟନ୍ତ ଗରିବ ମଜୁରିଆ ଶ୍ରେଣୀ ର ବୋଲି ସରକାରୀ ପ୍ରୋତ୍ସାହଣ ସାହାଯ୍ୟ ଯୋଗାଇ ଦେବାକୁ ଗ୍ରାମବାସୀ ପ୍ରମୁଖ ଦାବି କରିଛନ୍ତି।



କୃଷ୍ଣ ବଳରାମ ବେଶରେ ଶ୍ରୀଜୀଉ କେନ୍ଦୁଝର ମଉସୀମା ମନ୍ଦିରରେ

## ସରକାରଙ୍କ ବିକାଶ ଧାରାର ଚିତ୍ର

### କାଦୁଅରେ ଭାସୁଛି କୁରୁପାରା -ଯାନୀପାରା ରାସ୍ତା : ପ୍ରଶାସନର ନଜର ପଡିବ କେବେ ?

ରାଇଘର,୨୦/୭(ନି/ପ୍ର): ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଗ୍ରାମାଚଂଳର ବିକାଶ ପାଇଁ ମାଳମାଳ ଯୋଜନା ପ୍ରଣୟନ କରୁଛନ୍ତି ।ଯୋଜନା ସବୁ ମଧ୍ୟ କାର୍ଯ୍ୟକାରୀ ହେଉଛି ।ଗ୍ରାମ ଗୁଡ଼ିକୁ ସହର ସହିତ ଯୋଡିବା ପାଇଁ ମଧ୍ୟ ପ୍ରଧାନମନ୍ତ୍ରୀ ଗ୍ରାମୀଣ ସଡ଼କ ଯୋଜନା ଭଳି ବିଭିନ୍ନ ଯୋଜନା ସବୁ କାର୍ଯ୍ୟକାରୀ ହେଉଛି ।ହେଲେ ସ୍ଥାନୀୟ ପ୍ରଶାସନ ତଥା ପ୍ରଶାସନିକ ଅଧିକାରୀ ମାନଙ୍କ ବୈମାତୃକ ମନୋଭାବ ଯୋଗୁଁ ସ୍ୱାଧୀନତା ଅନେକ ବର୍ଷ ପରେ ବି ଗ୍ରାମାଚଂଳର ବିକାଶ ହୋଇପାରୁନାହିଁ ।ଆଜି ବି ଏମିତି ଗାଁ ଗୁଡିକ ଅଛି ବର୍ଷା ଦିନ ମାନଙ୍କରେ ଉକ୍ତ ଗ୍ରାମ ଗୁଡିକୁ ଯିବା କଷ୍ଟକର ।ଏମିତି ଏକ ଗାଁ ରହିଛି ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ କଚରାପାରା ପଂଚାୟତ ଅଧୀନରେ ।ଗ୍ରାମରେ ୩୦ପରିବାର ଦୀର୍ଘ ବର୍ଷ ହେବ ବସବାସ କରି ଆସୁଥିବା ବେଳେ ୧୫୦ରୁ ଉର୍ଦ୍ଧ ଜନସାଧାରଣ ଏହି ଗ୍ରାମରେ ଦୟନୀୟ ଅବସ୍ଥାରେ ଜୀବନଯାପନ କରୁଛନ୍ତି ।ଗ୍ରାମରେ ନା ଅଛି ଅଙ୍ଗନବାଡି କେନ୍ଦ୍ର ନା ଅଛି ବିଦ୍ୟାଳୟ ।ପଂଚାୟତ ସଦର ମହକୁମା ଠାରୁ ମାତ୍ର ଦୁଇ କିଲୋମିଟର ଦୂରରେ ଥିବା ଏହି ଯାନୀପାରା ଗ୍ରାମଟି ଏବେ ବି ରାସ୍ତା ଓ ଶିକ୍ଷା ଭଳି ମୌଳିକ ସୁବିଧାରୁ ବଂଚିତ ରହିଛି ।କୁରୁପାରା ଠାରୁ ଯାନୀପାରା ପର୍ଯ୍ୟନ୍ତ ୨କିଲୋମିଟର ବାଟ କାଦୁଅରେ ଭାସୁଛି ।ଗ୍ରାମର ଗର୍ଭବତୀ ଓ ଗୁରୁତର ରୋଗୀ ମାନଙ୍କୁ ଡାକ୍ତରଖାନା ନେବାକୁ ହେଲେ ଲୋକଙ୍କୁ କାଦୁଅରେ ପହଁରି କି ଯିବାକୁ ପଡୁଛି ।ପ୍ରଶାସନ ଉକ୍ତ ଗ୍ରାମ ଉପରେ ଦୃଷ୍ଟି ଦେଇ ଗ୍ରାମକୁ ଏକ ପକ୍କା ରାସ୍ତା ଯୋଗେଇ ଦେବାକୁ ଗ୍ରାମବାସୀ ଦାବୀ କରିଛନ୍ତି ।



## ବଳଦ ଚରାଇ ଘରକୁ ଫେରୁଥିଲେ ; ବଜ୍ରାଘାତରେ ମୃତ୍ୟୁ



ଚମ୍ପୁଆ,୨୦/୭(ନି/ପ୍ର): କେନ୍ଦୁଝରଜିଲ୍ଲା ଚମ୍ପୁଆ ଥାନା ଅଧୀନ ବିଷ୍ଣୁପୁର ଗ୍ରାମରେ ଘଟିଯାଇଛି ଅଘଟଣ। ବଳଦ ଚରାଇ ଘରକୁ ଫେରୁଥିବାବେଳେ ବଜ୍ରପାତରେ ଜଣେ ଲୋକଙ୍କର ମୃତ୍ୟୁ ଘଟିଛି। ମୃତବ୍ୟକ୍ତି ହେଲେ ମୋହନ ଚରଣ ଗିରି। ସୂଚନା ଅନୁସାରେ ବିଷ୍ଣୁପୁର ଗ୍ରାମର ମୋହନ ଚରଣ ଗିରି ଆଜି ଅପରାହ୍ଣରେ ବଳଦ ଚରାଇବାକୁ ଯାଇଥିଲେ। ସନ୍ଧ୍ୟାରେ ହଠାତ ମେଘ ଉଠାଇ ବର୍ଷା ଆରମ୍ଭ ହେବାବେଳକୁ ସେ ବଳଦ ନେଇ ଘରକୁ ଫେରୁଥିଲେ। ଆଉ ଅଳ୍ପ ବାଟ ପରେ ଘରେ ପହଚିଁ ଥାନ୍ତେ। ଘରଠାରୁ ଅଳ୍ପ ଦୂରରେ ହଠାତ୍ ବଜ୍ରାଘାତ ହୋଇଥିଲା। ଫଳରେ ସେ ଆହତ ହୋଇଥିଲେ। ଘର ଲୋକ ତାଙ୍କୁ ସଙ୍ଗେସଙ୍ଗେ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ଆଣିଥିଲେ। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୁଲିସ ଡାକ୍ତରଖାନାରେ ପହଚିଁ ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାଯାଇଛି। ମୃତ ମୋହନଙ୍କ ମୃତଶରୀର ବ୍ୟବଛେଦ ପାଇଁ ରଖାଯାଇଛି।

### ଚାନ୍ଦ ମନ୍ଦିର ତିନି ଠାକୁର ମତ୍ସ୍ୟ କଷ୍ୟ ରୁପରେ ଅବତାର

ବଲାଙ୍ଗିର, ୨୦/୭(ନି/ପ୍ର): ଆଷାଢ ଶୁକ୍ଲ ତୃତୀୟା ତିଥିରେ ଶ୍ରୀ ଚାନ୍ଦ ମନ୍ଦିର ତିନି ଠାକୁର ମତ୍ସ୍ୟ କଷ୍ୟ ରୁପରେ ଅବତାର ନେଇ ସନ୍ଧ୍ୟାରେ ଦର୍ଶନ ଦେଉଛନ୍ତି। ଦ୍ୱିତୀୟା ତିଥରେ ରଥାରୂଢ ହୋଇ ତିନି ଠାକୁର ପ୍ରବଳ ବର୍ଷା ସତ୍ତ୍ୱେ ଭକ୍ତ ମନଙ୍କୁ ଦର୍ଶନ ଦେଇ ରଥରେ ଆସି ଦୈନିକ ବଜାର ସ୍ଥିତ ଶ୍ରୀ ରାମ ଚରିତ ମାନସ ମନ୍ଦିର ରେ ହୋଇ ଥିବା ମାଉସୀ ମା ମନ୍ଦିର ରେ ପହଚିଁ ଥିଲେ। ତୃତୀୟା ଠାରୁ ନବ ଦିନ ବ୍ୟାପୀ ଅବତାର ଆରଂଭ ଦିନରେ ଦରଶନ ଦେଉଛନ୍ତି।

## ମ୍ୟୁନିଖରେ ମହାସମାରୋହରେ ପାଳିତ ହେଲା ଶ୍ରୀଜଗନ୍ନାଥ ରଥଯାତ୍ରା



ମ୍ୟୁନିଖ(ଜର୍ମାନୀ),୨୦/୭: ଜର୍ମାନୀର ମ୍ୟୁନିଖ ସହରରେ ଶ୍ରୀଜଗନ୍ନାଥ ସେବା ଜର୍ମାନୀ (ଝଔଝଏ), ଶିବାଳୟମ୍ ର.ଠ. ଏବଂ ଓଡ଼ିଆ ସମାଜ ମ୍ୟୁନିଖର ମିଳିତ ଆୟୋଜନରେ ପବିତ୍ର ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିରେ, ପୁରୀ ଶ୍ରୀମନ୍ଦିରର ପରମ୍ପରା ଅନୁଯାୟୀ ଶ୍ରୀଜଗନ୍ନାଥ ରଥଯାତ୍ରା୨୦୨୬ ମହାସମାରୋହ ରେ ପାଳିତ ହୋଇଯାଇଛି। ଏହି ମହୋତ୍ସବରେ ପ୍ରାୟ ୧,୦୦୦ ଭକ୍ତ ଯୋଗଦେଇ ଭକ୍ତି ଓ ଉତ୍ସାହର ସହ ମହାପ୍ରଭୁଙ୍କ ରଥ ଟାଣିଥିଲେ। ଉତ୍ସବର ଶୁଭାରମ୍ଭ ମଙ୍ଗଳ ଆରତି, ପୂଜା, ହୋମ, ଭଜନ ଓ କୀର୍ତନ ସହିତ ହୋଇଥିଲା। ପରେ ପାରମ୍ପରିକ ପହଣ୍ଡି ବିଜେରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କୁ ଭକ୍ତମାନଙ୍କ ମଧ୍ୟରେ ଭକ୍ତିଭାବର ସହ ମନ୍ଦିରରୁ ସୁସଜ୍ଜିତ ରଥକୁ ବିଜେ କରାଯାଇଥିଲା। ଏହାପରେ ଭାରତ, ଜର୍ମାନୀ ଓ ବିଭିନ୍ନ ଦେଶରୁ ଆସିଥିବା ପ୍ରାୟ ୧,୦୦୦ ଭକ୍ତ ଏକାଠି ହୋଇ ମହାପ୍ରଭୁଙ୍କ ରଥ ଟାଣିଥିଲେ। "ଜୟ ଜଗନ୍ନାଥ" ଓ "ହରି ବୋଲ" ଧ୍ୱନିରେ ସମଗ୍ର ମ୍ୟୁନିଖ ସହର ମୁଖରିତ ହୋଇଉଠିଥିଲା। ଏହି ରଥଯାତ୍ରାରେ ସମସ୍ତ ଧର୍ମ, ଜାତି, ସମ୍ପ୍ରଦାୟ ଓ ଦେଶର ଲୋକ ଅଂଶଗ୍ରହଣ କରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରେମ, ସାମ୍ୟ, କରୁଣା ଓ ବିଶ୍ୱବନ୍ଧୁତ୍ୱର ବାର୍ତ୍ତାକୁ ସାର୍ଥକ କରିଥିଲେ। ଏହି ଅବସରରେ ଭାରତର ମ୍ୟୁନିଖସ୍ଥିତ କନସୁଲେଟ୍ ଜେନେରାଲ୍ର କନସୁଲ ଶ୍ରୀ ଶତ୍ରୁଘ୍ନ ସିନ୍‌ହା ଉପସ୍ଥିତ ରହି ସନାତନ ର.ଠ.ର ସଭାପତି ଶ୍ରୀ ଅତନୁ ତ୍ରିପାଠୀଙ୍କ ଦ୍ୱାରା ସମ୍ପନ୍ନ ପାରମ୍ପରିକ ଛେରା ପହଁରା ପରେ ମହାପ୍ରଭୁଙ୍କ ରଥ ଟାଣି ଦିବ୍ୟ ଆଶୀର୍ବାଦ ଲାଭ କରିଥିଲେ। ମହାପ୍ରଭୁଙ୍କ ସମ୍ମୁଖରେ ମାୟରା ସାମଲ ଓ ରାଇକା ମହାନ୍ତିଙ୍କ ଦ୍ୱାରା ଭକ୍ତିମୟ ଓଡ଼ିଶୀ ନୃତ୍ୟ ଏବଂ ଆଦିତ୍ରୀ ମୁକୁନ୍ଦଙ୍କ ଦ୍ୱାରା ମନୋମୁଗ୍ଧକର ଭରତନାଟ୍ୟମ୍ ପରିବେଷଣ କରାଯାଇଥିଲା, ଯାହା ସମଗ୍ର ପରିବେଶକୁ ଆହୁରି ଆଧ୍ୟାତ୍ମିକ ଓ ସାଂସ୍କୃତିକ ମହିମାରେ ଭରିଦେଇଥିଲା। ରଥଯାତ୍ରା ପରେ ସମସ୍ତ ଭକ୍ତଙ୍କୁ ପାରମ୍ପରିକ ପ୍ରସାଦ ପରିବେଷଣ କରାଯାଇଥିଲା। ଅନେକ ସ୍ୱେଚ୍ଛାସେବୀ, ପ୍ରାୟୋଜକ ଓ ଶୁଭେଚ୍ଛୁଙ୍କ ନିଷ୍ଠାପୂର୍ଣ୍ଣ ସହଯୋଗ ଯୋଗୁଁ ଏହି ମହୋତ୍ସବ ସଫଳତାର ସହ ସମ୍ପନ୍ନ ହୋଇଥିଲା। ଆୟୋଜକ ତଥା ଟ୍ରଷ୍ଟି ପ୍ରିୟଦର୍ଶନ ସାମଲ, ଦୀପକ ପାଣିଗ୍ରାହୀ ଓ ତନ୍ମୟ ପଣ୍ଡା ସମସ୍ତ ଭକ୍ତ, ସ୍ୱେଚ୍ଛାସେବୀ, ପ୍ରାୟୋଜକ, ସ୍ଥାନୀୟ ପ୍ରଶାସନ, ଶିବାଳୟମ୍ ର.ଠ. ଏବଂ ଓଡ଼ିଆ ସମାଜ ମ୍ୟୁନିଖଙ୍କୁ ହୃଦୟରୁ କୃତଜ୍ଞତା ଜଣାଇଥିଲେ। ସେମାନେ ବିଶେଷ ଭାବେ ଶିବାଳୟମ୍ ର.ଠର ସଭାପତି ଶ୍ରୀ ଶର୍ମା ଆର୍ଯ୍ୟସୋମୟାଜୁଲାଙ୍କ ନିରନ୍ତର ସହଯୋଗ ଓ ମାର୍ଗଦର୍ଶନ ପାଇଁ, ଏବଂ ସୁବେନ୍ଦୁ ରଥଙ୍କ ସହଯୋଗ ଓ ସମନ୍ୱୟ ପାଇଁ ଧନ୍ୟବାଦ ଜଣାଇଥିଲେ। ଶ୍ରୀଜଗନ୍ନାଥ ସେବା ଜର୍ମାନୀ (ଝଔଝଏ) ଜର୍ମାନୀରେ ଶ୍ରୀଜଗନ୍ନାଥଙ୍କ ଆଧ୍ୟାତ୍ମିକ ଓ ସାଂସ୍କୃତିକ ପରମ୍ପରାର ପ୍ରଚାର ଓ ପ୍ରସାର ପାଇଁ ନିରନ୍ତର କାର୍ଯ୍ୟ କରିଆସୁଛି ଏବଂ ଆଗାମୀ ଦିନରେ ମଧ୍ୟ ଏଭଳି ଭକ୍ତିମୟ କାର୍ଯ୍ୟକ୍ରମ ଆୟୋଜନ କରି ଜର୍ମାନୀରେ ବସବାସ କରୁଥିବା ଭାରତୀୟ ଓ ଆନ୍ତର୍ଜାତୀୟ ସମୁଦାୟକୁ ଏକତ୍ର କରିବାର ପ୍ରୟାସ ଜାରି ରଖିବ ବୋଲି ଜଣାଇଛି।

## ଲଘୁଚାପ ଜନିତ ଲଗାଣ ବର୍ଷାରେ ଦବିଲା ବୈତରଣୀ ନଦୀବନ୍ଧ: ଷାଠିବାଙ୍କୁଡା ଗାଁ ନିକଟରେ ନଦୀବନ୍ଧର ୬୦ଫୁଟର ଲମ୍ବର ଫାଟ

ଭଦ୍ରକ,୨୦/୭(ନି/ପ୍ର): ଗତ ୪ଦିନ ହେବ ଆରଡି ଅଂଚଳ ସମେତ ଆଖପାଖ ଅଂଚଳରେ ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ଷାଠିବାଙ୍କୁଡା ଗାଁ ନିକଟ ଦେଇ ପ୍ରବାହିତ ହେଉଥିବା ବୈତରଣୀ ନଦୀବନ୍ଧର ୬୦ଫୁଟ ଲମ୍ବର ଫାଟ ସୃଷ୍ଟି ହେବା ସହ ନଦୀ ଆଡ଼କୁ ଦବି ଯାଇଛି। ଫଳରେ ଯଦି ବୈତରଣୀରେ ସାମ୍ଭାବ୍ୟ ବନ୍ୟା ପରିସ୍ଥିତି ଦେଖାଦେବ ତାହାଲେ ନଦୀବନ୍ଧ ସମ୍ପୂର୍ଣ୍ଣ ଭାବେ ଭାସିଯିବ ବୋଲି ସ୍ଥାନୀୟ ଲୋକ କହିଛନ୍ତି। ପୂର୍ବରୁ ଏହି ନଦୀବନ୍ଧ ଦୁର୍ବଳ ଥିବାରୁ ଏହାର ସୁଦୃଢ଼ିକରଣ ପାଇଁ ଗତ ୩ମାସ ତଳେ ଜଳସମ୍ପଦ ବିଭାଗ ପକ୍ଷରୁ ୯କୋଟିରୁ ଉର୍ଦ୍ଧ ଟଙ୍କା ବ୍ୟୟ ଅଟକଳ କରାଯାଇ ମାଟି ଓ ପଥର ପ୍ୟାକିଙ୍ଗ କରାଯାଇଥିଲେ ମଧ୍ୟ ଅତି ନିମ୍ନମାନର କାମ ହୋଇଥିବାରୁ ଏପରି ଫାଟ ସୃଷ୍ଟି ହେବା ସହ ନଦୀ ମଧ୍ୟକୁ ଦାବିବାରେ ଲାଗିଛି। କୋଟିକୋଟି ଟଙ୍କାର ମାଟି ପଥର ପକାଯାଇଥିଲେ ମଧ୍ୟ ନଦୀ ଭିତରେ ବଲା ଦିଆନଯିବା, ପକାଯାଇଥିବା ପଥରରେ ବାଲି ସିମେଂଟ ଦିଆଯାଇନଥିବାରୁ ଧିରେଧିରେ ପଥର ଗୁଡ଼ିକ ନଦୀକୁ ଢଳିବାରେ ଲାଗିଛି। ଏପରି କାର୍ଯ୍ୟ ସମୟରେ କାର୍ଯ୍ୟ ଠିକ ଭାବେ ହେଉନଥିବା ଗାଁ ଲୋକ ଅଭିଯୋଗ କରିଥିଲେ ମଧ୍ୟ ଜଳସମ୍ପଦ ବିଭାଗ ଅଧିକାରୀ ଓ ଠିକାଦାର ଶୁଣିନଥିବା କହିଛନ୍ତି ସ୍ଥାନୀୟ ଲୋକ। ଏହି ନଦୀବନ୍ଧ ଯଦି ବୈତରଣୀ ଜୁଆର ପାଣି ବନ୍ୟା ପାଣିରେ ଲିନ୍ନ ହେବ ଆଖପାଖ ୪ଟି ପଂଚାୟତର ୨୧ଗୋଟି ଗାଁ ପ୍ରଭାବିତ ହେବା ସହିତ ୨୦ନମ୍ବର ଜାତୀୟ ରାଜପଥ କୁଆଖିଆ-ଆଖଣ୍ଡଳମଣି ରାସ୍ତା ବିଛିନ୍ନ ହୋଇଯିବ। ପୂର୍ବରୁ ବୋଡକ ନିକଟରେ ବୈତରଣୀ କୂଳ ଲଙ୍ଘିବାରୁ ନଦୀବନ୍ଧକୁ ଧୋଇନେବା ସହ ଜାତୀୟ ରାଜପଥର ୨ଶହ ଫୁଟ ରାସ୍ତା ଆଜିଯାଏଁ ନଦୀ ଆଡ଼କୁ ଢଳି ରହିଛି। ନାଁ ନିଘା ଦେଉଛନ୍ତି ବିଭାଗୀୟ ଅଧିକାରୀ ନାଁ ନିଘା ଦେଉଛି ପ୍ରଶାସନ ବର୍ଷବର୍ଷ ଧରି ଅସୁରିକ୍ଷିତ ଭାବେ ଯାତାୟତ କରୁଛି ଶହଶହ ଛୋଟବଡ ଗାଡି। ଏପରି ନଦୀବନ୍ଧ ବାବଦରେ ଜଳସମ୍ପଦ ବିଭାଗ ଧାମନଗର କନିଷ୍ଠ ଯନ୍ତ୍ରୀଙ୍କୁ ପଚାରିବାରୁ କୈଣସି ସନ୍ତୋଷଜନକ ଉତର ଦେଇନଥିଲେ।

### ଭଦ୍ରକରେ ପ୍ରଫୁଲ୍ଲ ସାମଲଙ୍କ ଆଶୁ ଆରୋଗ୍ୟ କାମନାରେ ଦୀପଦାନ ଓ ସାମୂହିକ ପ୍ରାର୍ଥନା

ଭଦ୍ରକ, ୨୦/୭(ନି/ପ୍ର): ବିଜୁ ଜନତା ଦଳର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲଙ୍କ ଶୀଘ୍ର ସୁସ୍ଥତା ଓ ଆଶୁ ଆରୋଗ୍ୟ କାମନା କରି ଭଦ୍ରକ ସ୍ଥିତ ମା' ଦକ୍ଷିଣେଶ୍ୱର କାଳୀଙ୍କ ପୀଠରେ ବିଜୁ ଜନତା ଦଳ, ଭଦ୍ରକ ନିର୍ବାଚନ ମଣ୍ଡଳୀ ପକ୍ଷରୁ ଦୀପଦାନ ଓ ସାମୂହିକ ପ୍ରାର୍ଥନା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଭଦ୍ରକ ବ୍ଲକ ସଭାପତି ପ୍ରଫୁଲ୍ଲ ନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ପ୍ରାର୍ଥନା ସଭାରେ ଉପସ୍ଥିତ ସମସ୍ତ ନେତୃବୃନ୍ଦ ଓ କର୍ମୀମାନେ ମା' ଦକ୍ଷିଣେଶ୍ୱର କାଳୀଙ୍କ ନିକଟରେ ଶ୍ରୀ ସାମଲଙ୍କ ଉତମ ସ୍ୱାସ୍ଥ୍ୟ, ଦୀର୍ଘାୟୁ ଏବଂ ଶୀଘ୍ର ଆରୋଗ୍ୟ କାମନା କରିଥିଲେ। ଏହି ଅବସରରେ ବରିଷ୍ଠ ଅଧିବକ୍ତା ପଓ୍ୱନ୍ ଶର୍ମା, ଦିଲ୍ଲୀପ ନାୟକ, ପଙ୍କଜ ବଳ, ରଘୁନାଥ ପଣ୍ଡା, ଅଞ୍ଜନ ଜେନା, ରାକେଶ ପଣ୍ଡା, ଘାଉଲି ଜେନା, ମହେଶ୍ୱର ନାଥ, ଅଶୋକ ନାୟକ, ଗୋପାଳ କୃଷ୍ଣ ଦାସ, ସୁଶାନ୍ତ ଚୌଧୁରୀ, ରବି ରାଉ, ବିକାଶ ଶ୍ରେଷ୍ଠା, ବାପୁନ ମହାନ୍ତି, ସୁବ୍ରତ କୁମାର ଦାସ, ଅତିସ୍ ଦାସ, ସତ୍ୟ ପ୍ରକାଶ ବିଶ୍ୱାଳ, ମନୀନ୍ଦ୍ର ମହାନ୍ତି, ଜଳେନ୍ଦ୍ର ମହାନ୍ତି, ମିହିର ଜେନା, ଦେବାଶିଷ ଭାରତୀ, ସୌମେନ୍ଦ୍ର ସାହୁ, ହେମନ୍ତ ନାୟକ, ସୂରଜ ସିଂହ, କାମେଶ ବାରିକ, ବାବା ନାୟକ, ଅମିତ ମହାନ୍ତି ଓ ହରୀ ନାଥଙ୍କ ସମେତ ବିଜୁ ଜନତା ଦଳର ବହୁ ନେତୃବୃନ୍ଦ, କର୍ମୀ ଏବଂ ଶୁଭେଚ୍ଛୁମାନେ ଉପସ୍ଥିତ ରହିଥିଲେ।

## ୪୦ କୋଟିରୁ ଅଧିକ ପ୍ରକଳ୍ପର ଶିଳାନ୍ୟାସ, ଉଦ୍‌ଘାଟନ କଲେ ବିଧାୟକ



ବୈଶିଙ୍ଗା,୨୦/୭(ନି/ପ୍ର): ମୟୂରଭଂଜ ଜିଲ୍ଲା ବେତନଟୀ ବ୍ଲକରେ ବିକାଶମୂଳକ କାର୍ଯ୍ୟକ୍ରମକୁ ନୂଆ ଗତି ମିଳିଛି। ବୁଧବାର ବଡ଼ସାହି ବିଧାୟକ ସନାତନ ବିଜୁଳି ବେତନଟୀ ବ୍ଲକର ବିଭିନ୍ନ ସ୍ଥାନରେ ୪୦ କୋଟି ଟଙ୍କାରୁ ଅଧିକ ବ୍ୟୟରେ ନିର୍ମାଣ ହେବାକୁ ଥିବା ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଶୁଭ ଉଦଘାଟନ କରିଛନ୍ତି। ଏହି ପଦକ୍ଷେପ ଅଚଂଳର ରାସ୍ତା, ସ୍ୱାସ୍ଥ୍ୟ ଏବଂ ଗ୍ରାମ୍ୟ ଭିତ୍ତିଭୂମିର ବିକାଶକୁ ଆହୁରି ସୁଦୃଢ଼ କରିବ ବୋଲି ସାଧାରଣରେ ଆଶା ପ୍ରକାଶ ପାଇଛି। ଏହି ଅବସରରେ ବିଧାୟକ ବେତନଟୀ ବ୍ଲକ ଅଧୀନ ସ୍ୱାସ୍ଥ୍ୟ ବିଭାଗର ଏକାଧିକ ନୂତନ ଭବନର ଶୁଭ ଉଦଘାଟନ କରିଥିଲେ। ଏହାଦ୍ୱାରା ସ୍ଥାନୀୟ ଲୋକମାନେ ଉନ୍ନତ ଓ ସହଜ ସ୍ୱାସ୍ଥ୍ୟସେବା ପାଇବାର ସୁଯୋଗ ପାଇବେ। ସେହିପରି ବହୁ ପ୍ରତୀକ୍ଷିତ ପୂର୍ତବିଭାଗ ଅଧୀନ ଏମଡିଆର-୭୦ ରାସ୍ତାର ବୈଶିଙ୍ଗାରୁ ରୁପ୍ସା ପର୍ଯ୍ୟନ୍ତ ରାସ୍ତାର ପ୍ରଶସ୍ତିକରଣ ପାଇଁ ୨୩ କୋଟି ଟଙ୍କା ବ୍ୟୟରେ ହେବାକୁ ଥିବା ପ୍ରକଳ୍ପର ଶିଳାନ୍ୟାସ ମଧ୍ୟ କରିଥିଲେ। ଏହି ରାସ୍ତାର ଉନ୍ନତି ଫଳରେ ଯାତାୟାତ ବ୍ୟବସ୍ଥା ସୁଗମ ହେବା ସହ ବ୍ୟବସାୟ ଓ ଅର୍ଥନୈତିକ କାର୍ଯ୍ୟକଳାପକୁ ମଧ୍ୟ ପ୍ରୋତ୍ସାହନ ମିଳିବ। କାର୍ଯ୍ୟକ୍ରମରେ ବିଧାୟକ କହିଥିଲେ ଯେ, ରାଜ୍ୟ ସରକାର ଗ୍ରାମାଚଂଳର ସର୍ବାଙ୍ଗୀଣ ବିକାଶକୁ ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି। ଉନ୍ନତ ରାସ୍ତା, ସ୍ୱାସ୍ଥ୍ୟ ଭିତିଭୂମି ଏବଂ ଆବଶ୍ୟକ ଜନସେବା ଯୋଗାଇ ଗ୍ରାମବାସୀଙ୍କ ଜୀବନଯାତ୍ରାକୁ ଅଧିକ ସୁବିଧାଜନକ କରିବା ସରକାରଙ୍କ ପ୍ରାଥମିକତା ବୋଲି ସେ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଅଧିକାରୀ, ଜନପ୍ରତିନିଧି, ସ୍ଥାନୀୟ ନେତୃବୃନ୍ଦ ଏବଂ ବହୁ ସଂଖ୍ୟକ ଜନସାଧାରଣ ଉପସ୍ଥିତ ରହିଥିଲେ।

## ହଜାର ହଜାର ଭକ୍ତଙ୍କ ସମାଗମ ଶ୍ରୀ ଜିଉ ମତ୍ସ୍ୟ ଓ କଚ୍ଛପ ଅବତାରରେ ଦେଲେ ଦର୍ଶନ

ଜୟପୁର,୨୦/୭(ନି/ପ୍ର): ଜୟପୁର ବାଙ୍କମଠ ମାଉଁସି ମାଁ ମନ୍ଦିରରେ ଆଜି ଶ୍ରୀ ଜିଉ ମତ୍ସ୍ୟ ଓ କଚ୍ଛପ ଅବତାରରେ ଦର୍ଶନ ଦେଲେ। ଗତକାଲି ରାତ୍ର ୧୧ ଟା ସମୟରେ ରଥ ବାଙ୍ଗମଠ ଠାରେ ପହଂଚି ଥିଲା। ସେଠାରେ ପହଣ୍ଡି କରି ମାଉସି ମା ଘରକୁ ନିଆଯାଇଥିଲା। ସେଠାରେ ନିତା କାନ୍ତି କରାଯାଇଥିଲା। ଆଜି ସକାଳ ୯ଟା ସମୟରେ ଆଳତି କରାଯାଇଥିଲା। ସଂନ୍ଧ୍ୟାରେ ମତ୍ସ୍ୟ ଓ କଚ୍ଛପ ଅବତାରରେ ଦର୍ଶନ ଦେଇଥିଲେ। କୋରାପୁଟ ଜିଲା ଜୟପୁର ଐତିହାସିକ ରଥଯାତ୍ରାରେ କଡା ସରୁକ୍ଷା ବଳୟରେ ପାରମ୍ପରିକ ରିତି ନିତି ଅନୁଯାଇ ରଥ ଟଣା ଆରମ୍ଭ କରାଯାଇଥିଲା। ସାରା ରାଜ୍ୟରେଁ ଗୁରୁବାର ରଥଯାତ୍ରା ଅନୁଷ୍ଠିତ ହୋଇଥିବା ବେଳେ ଜୟପୁରରେ ତା ପରଦିନ ଶୁକ୍ରବାର ରଥ ଯାତ୍ରା ଅନୁଷ୍ଠିତ ହୋଇଛି। ଗୁରୁବାର ଠାକୁର ଙ୍କ ପହଣ୍ଡି କରାଯାଇ ରଥାରୁଡ କରାଯାଇଥିବା ବେଳେ ଶୁକ୍ରବାର ଅପରାହ୍ନ ୪ଟା ଘଂଟା ସମୟରେ ରଥଟଣା କାଯ୍ୟ ଆରମ୍ଭ କରାଯାଇ ଥିଲା। ରଜାନହର ଠାରୁ ରଥଟଣା ଆରମ୍ଭ କରାଯାଇ ଥିଲା। ପ୍ରଥମେ ବିଧାୟକ ତାରା ପ୍ରସାଦ ବାହିନିପତି ନଡିଆ ଭାଙ୍ଗି ରଥଟଣା ଶୁଭାରମ୍ଭ କରିଥିଲେ। ଡାହୁକର ହେ ଭକତେ ହୋ ଡାକର ଧ୍ୱନିରେ ପ୍ରକମ୍ପିତ ହୋଇ ଉଠିଥିଲା ଜୟପୁର ବଡଦାଣ୍ଡ। ଗିତା ଭବନ ନିକଟରେ ଥିବା ଏକ ଗଛରେ ରଥ ଲାଗି ଯାଇଥିଲା। ଜୟପୁର ଦମକଳ ବାହିନି ଗଛ କୁ କାଟିବା ପରେ ପୁଣି ରଥ ଟଣା ଆରମ୍ଭ ହୋଇଥିଲା। ବାଙ୍କମଠ ଠାରେ ପ୍ରଭୁ ତିନି ଠାକୁର ଦଶ ଅବତାର ରେ ଦଶ ଦିନ ଭକ୍ତ କୁ ଦର୍ଶନ ଦେବେ। ବଡ ରଥକୁ ପୁରୁଷମାନେ ଟାଣି ଥିବା ବେଳେ ଛୋଟ ରଥ ଅର୍ଥାତ ପତିତପାବନଙ୍କ ରଥକୁ ମହିଳାମାନେ ଟାଣି ଥିଲେ। ବାଜା, ଘଂଟରେ ବଡଦାଣ୍ଡ ମୁଖରିତ ହୋଇପଡିଥିଲା। ପୋଲିସ ତରଫରୁ କଡା ସୁରକ୍ଷା କରାଯାଇ ଥିବା ବେଳେ ୯ ପ୍ଲାଟୁନ ପୋଲିସ ସହ ୪୦ ଜଣ ଅଫିସର ମୁତୟନ ହୋଇଥିଲେ। ଭକ୍ତ ମାନେ ଯେପରି ସୁରୁଖୁରୁରେ ରଥ ଟାଣି ପାରିବେ ସେ ନେଇ ପ୍ରଶାସନ ତରଫରୁ ସବୁପ୍ରକାର ବ୍ୟବସ୍ଥା କରାଯାଇ ଥିଲା। ହଜାର ହଜାର ଅବିଭକ୍ତ କୋରାପୁଟ ଜିଲାର ଆଦିବାସୀମାନେ ସେମାନଙ୍କ ପରମ୍ପରିକ ପୋଷାକ ପିନ୍ଧି ରଥଟଣାରେ ଭାଗ ନେଇଥିଲେ। ସଂକୀର୍ତନ ମଣ୍ଡଳି ସହ ଘଂଟୁଆମାନଙ୍କ ଘଂଟ ବାଜାରେ ଜୟପୁର ବଡଦାଣ୍ଡ ଉତ୍ସବ ମୁଖର ହୋଇ ପଡିଥିଲା। ଜୟପୁର ମୁଖ୍ୟ ରାସ୍ତାର ଦୁଇ ପାର୍ଶ୍ୱରେ ଥିବା କୋଠାମାନଙ୍କରେ ରଥଟଣା ଦେଖିବା ପାଇଁ ଭକ୍ତଙ୍କ ଭିଡ଼ ଜମିଥିଲା। ରଥ ଟଣା ସମୟରେ ଭକ୍ତମାନେ ବାଟ ମାନଙ୍କରେ କାକରା ନଡିଆ, କଦଳି, ପଣା ଭୋଗ ଲାଗି କରାଯାଇଥିଲା। ଚଳିତ ବର୍ଷ ନୁତନ ରଥ ହୋଇଥିବା ବେଳେ ପ୍ରବଳ ଜନସମାଗମ ହୋଇଥିଲା । ରଥ ଟଣା ସମୟରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି, ଜୟପୁର ତହସିଲଦାର ସବ୍ୟସାଚି ଜେନା, ଦେବୋତର ଉପଦେଷ୍ଟା କମିଟି ସଭାପତି ଦେବେନ୍ଦ୍ର ବାହୀନିପତି ଜୟପୁର ଏସଡିପିଓ ଅଚ୍ଚିତା ମିତଲ, ଟାଉନ ଥାନା ଅଧିକାରି ଉଲ୍ଲାସ ରାଉତ, ପୌର ଅଧକ୍ଷ ନରେନ୍ଦ୍ର କୁମାର ମହାନ୍ତି, ପୌର ଉପାଧକ୍ଷ ବି ସୁନିତା, ପୌର କାର୍ଯ୍ୟନିବାହି ଅଧିକାରି ପୁଜା ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

ଉତ୍କଳ ସମାଚାର

# ସମ୍ପାଦକୀୟ...

**ମଙ୍ଗଳବାର ୨୧ ଜୁଲାଇ ୨୦୨୬**

## ସୁସ୍ଥ ସମାଜ ପାଇଁ ମନୁଷ୍ୟର ଅଧିକାର

ଭଗବାନଙ୍କ ସୃଷ୍ଟିରେ ମଣିଷ ଶ୍ରେଷ୍ଠ ପ୍ରାଣୀ। ସମଗ୍ର ବିଶ୍ୱରେ ଏକ ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ର ଭାବେ ଭାରତ ପରିଚିତ। ଦିନକୁ ଦିନ ଭାରତ ବିଶ୍ୱ ଶକ୍ତିର ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ପହଞ୍ଚିଥିବାବେଳେ ଭାରତର ନ୍ୟାୟ ପାଳିକା ମଧ୍ୟ ଅତ୍ୟନ୍ତ ସୁଦୃଢ଼। ନିକଟରେ ସୁପ୍ରିମ କୋର୍ଟର ପ୍ରଧାନ ବିଚାରପତି ତାଙ୍କ ବିଦାୟୀ ଭାଷଣରେ ଯାହା ଉଲ୍ଲେଖ ରଖିଛନ୍ତି ତାହା ଅତ୍ୟନ୍ତ ଭାବପୂର୍ଣ୍ଣ ଓ ହୃଦୟସ୍ପର୍ଶୀ। ବାସ୍ତବରେ ଅଭାବୀଙ୍କ ସେବା ଠାରୁ କିଛି ବଡ଼ ନାହିଁ। ସୁସ୍ଥ ସମାଜରେ ବଞ୍ଚିବା ପାଇଁ ପ୍ରତିଟି ମଣିଷର ସମ୍ବିଧାନ ପ୍ରଦତ ନୀତିଗତ ଅଧିକାର ରହିଛି। ଆସନ୍ତୁ ଏହି ଅଧିକାର ସମ୍ପର୍କିତ ଛୋଟିଆ ଆଲୋଚନାଟି ରଖିବା। ସ୍ୱାଧୀନତା, ସମାନତା ଓ ସୁରକ୍ଷାର ଅଧିକାର : ଦୁନିଆର ପ୍ରତି ବ୍ୟକ୍ତି ସମ୍ମାନ ଓ ଅଧିକାର ମାମଲାରେ ସ୍ୱାଧୀନ ଓ ସମାନ। ପ୍ରତ୍ୟେକ ବ୍ୟକ୍ତିଙ୍କୁ କୌଣସି ଭେଦଭାବ ବିନା ସମସ୍ତ ଅଧିକାର ଓ ସ୍ୱାଧୀନତା ଦିଆଯାଇଛି। ଏଥିରେ ଜାତି, ବର୍ଣ୍ଣ, ଲିଙ୍ଗ, ଭାଷା, ଧର୍ମ, ରାଜନୈତିକ ବିଚାର, ରାଷ୍ଟ୍ରୀୟତା, ସମ୍ପତି, ସମାଜ ଆଦି ବିଷୟକୁ ନେଇ କୌଣସି ଭେଦଭାବ କରିହେବନାହିଁ। ପ୍ରତି ମନୁଷ୍ୟର ଜୀବନ, ସ୍ୱାଧୀନତା ଓ ସୁରକ୍ଷାର ଅଧିକାର ଅଛି। ଆଇନ ଆଗରେ ସମସ୍ତେ ସମାନ। ପ୍ରତ୍ୟେକ ବ୍ୟକ୍ତିର ସୁରକ୍ଷାର ସମାନ ଅଧିକାର ଅଛି। ପ୍ରତାଡ଼ନା ଓ କ୍ରୁରତାରୁ ସ୍ୱାଧୀନତାର ଅଧିକାର : ପ୍ରତି ବ୍ୟକ୍ତିର ଯନ୍ତ୍ରଣା ପ୍ରତାଡ଼ନା ଓ କ୍ରୁରତାରୁ ମୁକ୍ତ ହେବାର ଅଧିକାର ରହିଛି। ଦୁନିଆର ଯେ କୌଣସି ଅଂଶରେ ଥିବା ଯେ କୌଣସି ମଣିଷର ପ୍ରଥମ ପରିଚୟ ସେ ଜଣେ ମଣିଷ। ଏହାପରେ ହିଁ ଆଇନ ଆସିପାରେ। କୌଣସି ମଣିଷକୁ ଗୁଲାମୀ ବା ଦାସତ୍ୱରେ ରଖିହେବ ନାହିଁ। ଯେ କୌଣସି ପ୍ରକାର ଦାସତ୍ୱ ପ୍ରଥା ଉପରେ ମଧ୍ୟ କଟକଣା ରହିଛି। ଅଦାଲତ ଦୋଷୀ କହିବା ପୂର୍ବରୁ ନିର୍ଦ୍ଦୋଷ : ଯେ କୌଣସି ଅଧିକାରରୁ ବଞ୍ଚିତ ହୋଇଥିବା ବ୍ୟକ୍ତି ନ୍ୟାୟ ପାଇଁ ଅଦାଲତଙ୍କ ଦ୍ୱାରସ୍ଥ ହେବା ନିମନ୍ତେ ସଂପୂର୍ଣ୍ଣ ଅଧିକାର ରହିଛି। କୌଣସି ବ୍ୟକ୍ତିଙ୍କୁ ମନଇଛା ଗିରଫ, ନଜରବନ୍ଦୀ କିମ୍ବା ଦେଶାନ୍ତର କରି ହେବନାହିଁ। ସମସ୍ତଙ୍କ ପାଖରେ ଏକ ସ୍ୱାଧୀନ ଓ ନିରପେକ୍ଷ ଅଦାଲତରେ ସାର୍ବଜନୀନ ଶୁଣାଣିର ଅଧିକାର ରହିଛି। ଅଦାଲତ ଦୋଷୀ ବୋଲି ରାୟ ଦେବା ପୂର୍ବରୁ ପର୍ଯ୍ୟନ୍ତ ପ୍ରତ୍ୟେକ ବ୍ୟକ୍ତିଙ୍କୁ ନିର୍ଦ୍ଦୋଷ ଭାବରେ ଗ୍ରହଣ କରାଯିବ। ମନୁଷ୍ୟର ଘର, ପରିବାର, ବ୍ୟକ୍ତିଗତ ଜୀବନ ଓ ବ୍ୟକ୍ତିଗତ ଚିଠିରେ ଅନ୍ୟ କୌଣସି ବ୍ୟକ୍ତି ହସ୍ତକ୍ଷେପ କରିବାର ଅଧିକାର ନାହିଁ। ବ୍ୟକ୍ତିଗତ ଏକାନ୍ତତା ଉପରେ ଆକ୍ରମଣ ମାମଲାରେ ବ୍ୟକ୍ତି ଆଇନ ଠାରୁ ସୁରକ୍ଷା ମାଗିବାର ଅଧିକାର ରହିଛି। ଦେଶ ତ୍ୟାଗ ଓ ଶରଣାର୍ଥୀ ଅଧିକାର : ନିଜ ଦେଶରେ ଯେ କୌଣସି ସ୍ଥାନକୁ ଯିବା ଅଧିକାର ସହ ମନୁଷ୍ୟକୁ ଅନ୍ୟ ଦେଶକୁ ଯିବା ଆସିବା କରିବାର ଅଧିକାର ରହିଛି। କେବଳ ଏତିକି ନୁହେଁ ସେ ନିଜ ଦେଶ ତ୍ୟାଗ କରିପାରିବ ଏବଂ ଫେରି ମଧ୍ୟ ପାରିବ। ପ୍ରତିଟି ମନୁଷ୍ୟ ପାଖରେ ନିଜ ଦେଶ ଛାଡ଼ି ଅନ୍ୟ ଦେଶରେ ଶରଣ ମାଗିବାର ଅଧିକାର ରହିଛି। ପ୍ରତ୍ୟେକ ବ୍ୟକ୍ତି ପାଖରେ ଏକ ବିଶେଷ ରାଷ୍ଟ୍ରର ନାଗରିକତାର ଅଧିକାର ରହିଛି। କେହି ଜବରଦସ୍ତ ଭାବରେ ବା ମନଇଛା ତାଙ୍କାର ରାଷ୍ଟ୍ରୀୟତା ଛିନ୍ନ କରିପାରିବେ ନାହିଁ। ବିବାହ ଓ ମହିଳା ପୁରୁଷ ସମାନତା ଅଧିକାର : ପ୍ରତ୍ୟେକ ବ୍ୟକ୍ତିର ଜାତି, ଧର୍ମ ଓ ଜାତୀୟତା ନିର୍ବିଶେଷରେ ବିବାହ କରିବାର ଓ ପରିବାର ବଢ଼ାଇବାର ଅଧିକାର ରହିଛି। ଏଥିସହ ବିବାହ ସମୟରେ ଓ ବିବାହ ପରେ ମହିଳା ଓ ପୁରୁଷଙ୍କର ସମାନତାର ଅଧିକାର ରହିଛି। ପ୍ରତି ବ୍ୟକ୍ତିଙ୍କୁ ଏକାକୀ ବା ଏକାଧିକ ବ୍ୟକ୍ତିଙ୍କ ସହ ମିଶି ସମ୍ପତ୍ତି ରଖିବାର ଅଧିକାର ରହିଛି। ସମ୍ପତ୍ତି ଉପରୁ ଏହି ଅଧିକାର କେହି ମନଇଛା ଛିନ୍ନ କରିପାରିବେ ନାହିଁ। ବିଚାର ଓ ଧର୍ମ ଛାଡ଼ିବାର ଓ ଆପଣାଇବାର ଅଧିକାର : ମନୁଷ୍ୟର ଯେ କୌଣସି ବିଚାର ଓ ଧର୍ମକୁ ଆପଣାଇବା ପାଇଁ ସ୍ୱାଧୀନତା ରହିଛି। ଏଥିସହ ନିଜର ଧର୍ମ ଓ ବିଚାର ବଦଳାଇବାର ମଧ୍ୟ ସ୍ୱାଧୀନତା ରହିଛି। ପ୍ରତିଟି ମନୁଷ୍ୟର ବିଚାରକୁ ଅଭିବ୍ୟକ୍ତ କରିବାର ସ୍ୱାଧୀନତା ରହିଛି। କୌଣସି ପ୍ରସଙ୍ଗରେ ନିଜର ବିଚାର ବ୍ୟକ୍ତ କରିବାର ଅଧିକାର ରହିଛି। ବ୍ୟକ୍ତିଙ୍କୁ ଗଣମାଧ୍ୟମ ବା ଅନ୍ୟ ମାଧ୍ୟମରୁ ସୂଚନା ହାସଲ କରିବାର ଅଧିକାର ରହିଛି। ଏହାକୁ କେହି ରୋକିପାରିବେ ନାହିଁ। ସରକାର ବାଛିବା ଓ ସାମାଜିକ ସୁରକ୍ଷାର ଅଧିକାର : ପ୍ରତି ବ୍ୟକ୍ତି ପାଖରେ ଶାନ୍ତିପୂର୍ଣ୍ଣ ଭାବରେ ସଂଗଠନ ଗଠନ କରିବା, ସଂସ୍ଥାର ସଦସ୍ୟ ହେବା ଏବଂ ସଭା କରିବାର ଅଧିକାର ରହିଛି। ଦେଶରେ ସରକାର ଗଠନ କାର୍ଯ୍ୟକଳାପରେ ଅଂଶଗ୍ରହଣ କରିବାର ଏବଂ ସରକାର ନିର୍ବାଚନ କରିବାର ଅଧିକାର ରହିଛି। ଏଥିସହ ଦେଶର ପ୍ରଶାସନିକ କ୍ଷେତ୍ରରେ କାର୍ଯ୍ୟ କରିବା ନିମନ୍ତେ ସମାନ ଅଧିକାର ରହିଛି। ପ୍ରତି ମଣିଷ ପାଖରେ ସମାଜର ଅଂଶ ହୋଇଥିବା କାରଣରୁ ସାମାଜିକ ସୁରକ୍ଷାର ଅଧିକାର ରହିଛି। ଏଥିସହ ବ୍ୟକ୍ତିତ୍ୱ ବିକାଶ ପାଇଁ ଆର୍ଥିକ, ସାମାଜିକ ଏବଂ ସାଂସ୍କୃତିକ ଅଧିକାର ମଧ୍ୟ ରହିଛି। ନିଜ ପସନ୍ଦର ଚାକିରି ଏବଂ ବୃତ୍ତିର ଅଧିକାର : ପ୍ରତ୍ୟେକ ବ୍ୟକ୍ତିଙ୍କର କାମ କରିବା, ନିଜ ପସନ୍ଦର କାମ ଖୋଜିବା, କର୍ମସ୍ଥଳରେ ଉନ୍ନତି ଏବଂ ବେରୋଜଗାରୀରୁ ରକ୍ଷା ପାଇବାର ଅଧିକାର ଅଛି। ଏହା ବ୍ୟତୀତ କୌଣସି ପ୍ରକାର ଭେଦଭାବ ବିନା ସମାନ କାମ ପାଇଁ ସମାନ ପାରିଶ୍ରମିକ ପାଇବାର ମଧ୍ୟ ଅଧିକାର ରହିଛି। ସେ ଟ୍ରେଡ଼ ୟୁନିୟନରେ ସାମିଲ ହୋଇପାରେ, ଟ୍ରେଡ ୟୁନିଅନ ଗଠନ କରିପାରେ। ନିର୍ଦ୍ଦିଷ୍ଟ କର୍ମ ନିର୍ଘଣ୍ଟ ଏବଂ ଛୁଟିରେ ଅଧିକାର ରହିଛି ପ୍ରତ୍ୟେକ କର୍ମଚାରୀଙ୍କ ପାଖରେ। ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ସଂସ୍କୃତିର ଅଧିକାର : ପ୍ରତ୍ୟେକ ବ୍ୟକ୍ତିର ଖାଦ୍ୟ, ପୋଷାକ, ଘର, ସ୍ୱାସ୍ଥ୍ୟ ସୁବିଧା ଏବଂ ଜରୁରୀ ସାମାଜିକ ସୁରକ୍ଷାର ଅଧିକାର ରହିଛି। ପ୍ରତ୍ୟେକ ବ୍ୟକ୍ତିର ଶିକ୍ଷା ଅଧିକାର ରହିଛି। ପ୍ରାଥମିକ ଶିକ୍ଷା ସମସ୍ତଙ୍କ ପାଇଁ ଜରୁରୀ ଏବଂ ଏହାକୁ ଦେୟମୁକ୍ତ କରାଯିବା ପାଇଁ ଅଧିକାର ରହିଛି। ପ୍ରତ୍ୟେକ ବ୍ୟକ୍ତିର ସାଂସ୍କୃତିକ କାର୍ଯ୍ୟକ୍ରମରେ ସାମିଲ ହେବାର ଅଧିକାର ରହିଛି। ସେ କଳା କିମ୍ବା ବିଜ୍ଞାନ ଜରିଆରେ ହେଉଥିବା ବିକାଶ ଏବଂ ଲାଭକୁ ନିଜ ପାଇଁ ବ୍ୟବହାର କରିପାରିବ। ସାମାଜିକ ଏବଂ ଅନ୍ତଃରାଷ୍ଟ୍ରୀୟ ବ୍ୟବସ୍ଥାର ଅଧିକାର : ପ୍ରତ୍ୟେକ ବ୍ୟକ୍ତି ପାଖରେ ଏପରି ସାମାଜିକ ଏକ ଅନ୍ତଃରାଷ୍ଟ୍ରୀୟ ବ୍ୟବସ୍ଥାର ଅଧିକାର ରହିଛି ଯାହାଦ୍ୱାରା ଜାତିସଂଘରେ ହୋଇଥିବା ଘୋଷଣାନାମା କାର୍ଯ୍ୟକାରୀ ହୋଇପାରିବ। ପ୍ରତ୍ୟେକ ମନୁଷ୍ୟ ନିଜ ଗୋଷ୍ଠୀ ପାଇଁ ଉତ୍ତରଦାୟୀ। ଏହାଦ୍ୱାରା ତାର ବ୍ୟକ୍ତିତ୍ୱର ବିକାଶ ହେବ ଯାହାକି ଗଣତାନ୍ତ୍ରିକ ସମାଜ ପାଇଁ ଖୁବ୍ ଜରୁରୀ। ଏହି ଘୋଷଣାନାମାରେ ସାମିଲ ହୋଇଥିବା କୌଣସି ପ୍ରସଙ୍ଗକୁ ଏମିତି ଭାବରେ ଉପସ୍ଥାପିତ କରାଯିବ ନାହିଁ, ଯାହାଦ୍ୱାରା ମନେହେବ କୌଣସି ରାଷ୍ଟ୍ର ବ୍ୟକ୍ତି ବା ଗୋଷ୍ଠୀ କୌଣସି ଏପରି କାର୍ଯ୍ୟରେ ସାମିଲ ହୋଇପାରିବ ।

# ଅନେକ କାହାଣୀ !

ଅତୀତକୁ ନେଇ ଅନେକ ଦୃଷ୍ଟିକୋଣରୁ ଅନେକ କାହାଣୀ ଲେଖାଯାଇପାରେ; ଯେମିତି କାଶ୍ମୀର ଫାଇଲ୍ସ ବା କେରଳ ଫାଇଲ୍ ?ସ ବା ଶତଲୁଜ ! ଏହି ସରଳ କଥାଟିକୁ ବୁଝିବା ଓ ବୁଝାଇବାର ଆବଶ୍ୟକତା ରହିଛି; ଚଳଚ୍ଚିତ୍ରକୁ ନିଷେଧ କରିଦେବା ସମାଧାନର ସୂତ୍ର ନୁହେଁ ଓ ତାକୁ ନେଇ ରାଜନୀତି କରିବା ହେଉଛି ପରମ ଅବିମୃଶ୍ୟକାରିତା। ଗଲା ୩ ତାରିଖ ଦିନ ଏକ ଓଟିଟି ପ୍ଲାଟଫର୍ମରେ 'ଶତଲୁଜ' ନାମକ ସିନେମା ପ୍ରଦର୍ଶିତ ହେବାର ମାତ୍ର ଅଠଚାଳିଶ ଘଣ୍ଟା ମଧ୍ୟରେ ସେହି ଚ୍ୟାନେଲରେ ନିଖୋଜ ହୋଇଯିବା ଭଳି ଘଟଣା ତୀବ୍ର ବିବାଦକୁ ଜନ୍ମ ଦେଇଛି। ଉଲ୍ଲେଖ ରହୁ କି ୧୯୯୫ ମସିହାରେ, ପଞ୍ଜାବ ପୁଲିସ ଦ୍ୱାରା ସୁଖ୍ୟାତ ଶିଖ ମାନବ ଅଧିକାର କର୍ମୀ ଯଶୱନ୍ତ ସିଂହ ଖାଲଡ଼ାଙ୍କ ଅପହରଣ ଓ ହତ୍ୟା ହେଉଛି କାହାଣୀର ଭିତି, ଯାହାର ପୃଷ୍ଠଭୂମିରେ ରହିଛି ନବମ ଦଶକରେ ସମଗ୍ର ଦେଶକୁ ଥରାଇ ଦେଇଥିବା ଶିଖ ସନ୍ତ୍ରାସବାଦ ଏବଂ ତାହାର ବିଲୋପନର ନିର୍ମମ କାହାଣୀ। ତେବେ ଏହି ନିଷେଧ ଉଦ୍ୟମକୁ ନେଇ ସୃଷ୍ଟ ବିବାଦର କାରଣ ବିବିଧ; ଯେମିତି କି କୌଣସି କଳାତ୍ମକ ଅଭିବ୍ୟକ୍ତିକୁ ନିଷେଧ କରାଯିବାର ଔଚିତ୍ୟ, ଏଭଳି ଉଦ୍ୟମ ପଛରେ ଥିବା ସନ୍ଦିଗ୍ଧ ରାଜନେ ?ତିକ ଅଭିସନ୍ଧି, ବିଷୟବସ୍ତୁର ସ୍ପର୍ଶକାତରତା ଦୃଷ୍ଟିରୁ ଏହି ଚଳଚ୍ଚିତ୍ର ନିର୍ମାଣ ପଛରେ ଥିବା ପ୍ରକୃତ ଉଦ୍ଦେଶ୍ୟ ଇତ୍ୟାଦି ! କିନ୍ତୁ, ଯେଉଁ ମୂଳ ପ୍ରସଙ୍ଗଟି ଆଲୋଚନାର ବିଷୟ ହେବା କଥା, କିନ୍ତୁ ହେଉ ନାହିଁ, ତାହା ହେଲା ଅପ୍ରୀତିକର ଓ ବେଦନାଦାୟକ ଇତିହାସକୁ ଠିକଣା ଭାବେ ନିରୀକ୍ଷଣ କରିବା ସକାଶେ ପରିଷ୍କାର ଓ ପରିପକ୍ୱ ଦୃଷ୍ଟି ଆମ ନିକଟରେ ଅଛି କି? ୧୯୯୪ ମସିହା ବେଳକୁ ପଞ୍ଜାବରେ ଭୟାବହ ଖଲିସ୍ତାନୀ ଆତଙ୍କବାଦର ଅବସାନ ପ୍ରାୟ ଘଟିବାର ସଂକେତ ଦେଖାଇ ସାରିଥାଏ। ତା' ପର ବର୍ଷ, ଅର୍ଥାତ୍ ୧୯୯୫ ମସିହାରେ, ୪୩ ବର୍ଷ ବୟସ୍କ ଯଶୱନ୍ତ ସିଂହ ଖାଲଡ଼ା, ପଞ୍ଜାବର ତିନିଟି ପୌରାଞ୍ଚଳ (ଅମୃତସର, ମାଜିଥା ଓ ତରନ ତାରନ) ଶ୍ମଶାନରେ ଥିବା ନଥି ବା ରେଜିଷ୍ଟର ଏବଂ ଶବ ଦାହ ଲାଗି ବ୍ୟବହୃତ କାଠର ପରିମାଣ ଆଦି ଯାଞ୍ଚ କରି ଏହି ଉପସଂହାରରେ ପହଞ୍ଚିନ୍ତି ଯେ, ସନ୍ତ୍ରାସବାଦର ତୀବ୍ରତମ ପର୍ଯ୍ୟାୟରେ ସେଠାରେ ଅନ୍ୟୂନ ୨୦୫୯ଟି ଅଚିହ୍ନା ଶବ ଦାହ କରାଯାଇଛି, ଯାହାର ହାରାହାରି ଆଧାରରେ ପୂରା ପଞ୍ଜାବ ସକାଶେ ତାଙ୍କ ହିସାବ କହିଥିଲା ଯେ ସର୍ବମୋଟ ଅଚିହ୍ନା ଶବ ସଂଖ୍ୟା ୨୫,୦୦୦ ହୋଇଥିବା ସମ୍ଭବ। ଏହାର ଇଙ୍ଗିତ ସ୍ପଷ୍ଟ ଯେ ସନ୍ତ୍ରାସବାଦ ନିୟନ୍ତ୍ରଣ କ୍ରମରେ ପଞ୍ଜାବ ପୁଲିସ ହାତରେ ନିର୍ବିଚାର ନର ସଂହାର କରାଯାଇଛି। ଅବଶ୍ୟ, ଜାତୀୟ ମାନବାଧିକାର କମିସନ ଏହି ମୃତ୍ୟୁ ସଂଖ୍ୟାକୁ ୨୦୯୬ ବୋଲି କହିଛନ୍ତି। ତେବେ ସେ ଯାହା ହେଉ, ଖାଲଡ଼ାଙ୍କ ଏଭଳି ଦାବି ଓ ନ୍ୟାୟ ଲାଗି ଅଭିଯାନ ପଞ୍ଜାବ ପୁଲିସକୁ ସୁନିଶ୍ଚିତ ଭାବେ ରୁଷ୍ଟ କରିଥିବ। ଏଭଳି ଏକ ସମୟରେ, ଅର୍ଥାତ୍ ୧୯୯୫, ଅଗଷ୍ଟ ୩୧ ତାରିଖରେ ଘଟିଯାଏ ଏକ ଆତ୍ମଘାତୀ ଆତଙ୍କବାଦୀ ଆକ୍ରମଣ, ଯେଉଁଥିରେ ପଞ୍ଜାବର ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିୟନ୍ତ ସିଂହ ନିହତ ହୁଅନ୍ତି। ତା'ର ପାଞ୍ଚ ଦିନ ପରେ ଖାଲଡ଼ା ମଧ୍ୟ ନିଖୋଜ ହୋଇଯାଆନ୍ତି। ତିନି ଦିନ ପରେ ତାଙ୍କ ପତ୍ନୀଙ୍କ ଦ୍ୱାରା ଦାଖଲ 'ହେବିୟସ କର୍ପସ' ପିଟିସନ ପରେ ସୁପ୍ରିମ କୋର୍ଟଙ୍କ ଆଦେଶରେ ହୋଇଥିବା ସି.ବି.ଆଇ. ତଦନ୍ତରୁ ସ୍ପଷ୍ଟ ହୁଏ ଯେ କିଛି ପୁଲିସ କର୍ମଚାରୀ ଖାଲଡ଼ାଙ୍କୁ ଅପହରଣ କରି ହତ୍ୟା କରିଛନ୍ତି, ଯହିଁରେ ଦୋଷୀ ସାବ୍ୟସ୍ତ ଏହି ପୁଲିସ କର୍ମଚାରୀମାନେ ଏ ଯାବତ୍ ଆଜୀବନ କାରାବାସ ଭୋଗୁଛନ୍ତି। କହିବାରେ ସାମାନ୍ୟତମ ଦ୍ୱିଧା ନାହିଁ ଯେ ଯଶୱନ୍ତ ସିଂହ ଖାଲଡ଼ା ଜଣେ ଅସାମାନ୍ୟ ଭାବେ ସାହସୀ ଓ ସଂବେଦନଶୀଳ ବ୍ୟକ୍ତିତ୍ୱ, ଯିଏ ପୁଲିସର ଯଥେଚ୍ଛାଚାରକୁ ପ୍ରକାଶ୍ୟ କରିବାକୁ ଯାଇ ପ୍ରାଣବଳି ଦେଇଥିଲେ। କିନ୍ତୁ, ପ୍ରଶ୍ନ ମଧ୍ୟ ଉଠିଥାଏ ଯେ ଏହା କ'ଣ ସମଗ୍ର କାହାଣୀ ? ଏଠାରେ ଗୁରୁତ୍ୱ ପାଇଥାଏ ଅତୀତକୁ ସଂଦର୍ଭରେ ରଖି ପରଖିବାର କୌଶଳ। ୧୯୮୧ ମସିହାରେ ପଞ୍ଜାବରେ ଖଲିସ୍ତାନୀ ଆତଙ୍କବାଦର ସୂତ୍ରପାତ ଘଟିଥିଲା, ଯାହାର ଭୟାବହତା ତୀବ୍ରତମ ସୋପାନରେ ପହଞ୍ଚିଥିଲା ୧୯୮୯ରୁ ୧୯୯୩ ମସିହା ମଧ୍ୟରେ, ଯହିଁରେ ପଞ୍ଜାବ ସତେ ଯେମିତି ଏକ ଗୃହ ଯୁଦ୍ଧକୁ ପ୍ରତ୍ୟକ୍ଷ କରୁଥିଲା। ଏଭଳି ସ୍ଥଳେ ସ୍ଥିତିକୁ ନିୟନ୍ତ୍ରଣାଧୀନ କରିବା ଲାଗି ଆସାମ କ୍ୟାଡରର ଆଇପିଏସ ଅଧିକାରୀ କେ.ପି.ଏସ. ଗିଲଙ୍କୁ ପଞ୍ଜାବ ପୁଲିସ ବାହିନୀର ମୁଖ୍ୟ ଭାବେ ଅବସ୍ଥାପିତ କରାଯାଇଥିଲା। କହିବା ଅନାବଶ୍ୟକ ଯେ ଏହି ନିଦାରୁଣ ସମୟରେ ସାଧାରଣ ପ୍ରଶାସନ ବ୍ୟବସ୍ଥା ଅସ୍ତିତ୍ୱ ହରାଇଥିଲା; କେବଳ ଉପସ୍ଥିତ ଥିଲେ ଦୁଇ ପକ୍ଷରେ ନିଘଞ୍ଚ ଭାବେ ଅସ୍ତ୍ର-ସଜ୍ଜିତ ପୁଲିସ ଓ ସନ୍ତ୍ରାସବାଦୀ ଏବଂ ସେମାନଙ୍କ ମଝିରେ ନିଷ୍ପେଷିତ ସାଧାରଣ ନାଗରିକ। ସେ ସମୟର ଭୟାବହତାର ଏକ ଧାରଣା ମିଳିପାରେ, ୧୯୮୯ରୁ ୧୯୯୨ ମସିହା ପର୍ଯ୍ୟନ୍ତ ଚାରି ବର୍ଷର ଅବଧିରେ ନିହତ ହୋଇଥିବା ନାଗରିକ, ପୁଲିସ ଓ ଆତଙ୍କବାଦୀଙ୍କ ସଂଖ୍ୟାରୁ; ଯାହା ହେଲା ଯଥାକ୍ରମେ ୧୧୬୮, ୨୧୬୭, ୨୫୯୧, ୧୫୧୮ (ନାଗରିକ); ୨୦୧, ୪୭୬, ୪୯୭, ୨୫୨ (ପୁଲିସ); ୭୦୩, ୧୩୨୦, ୨୧୭୭, ୨୧୧୩ (ସନ୍ତ୍ରାସବାଦୀ)। ୧୯୯୩ ମସିହାରୁ ଏହି ଭୀଷଣତା ହ୍ରାସ ପାଇବାର ସଂକେତ ଦିଶିଥିଲା ଏବଂ ୧୯୯୪ ମସିହାରେ ମୃତ ନାଗରିକଙ୍କ ସଂଖ୍ୟା ଥିଲା ମାତ୍ର ୨, ସନ୍ତ୍ରାସବାଦୀ ୧୨ ଏବଂ କେ ?ଣସି ପୁଲିସ କର୍ମଚାରୀ ହତାହତ ହୋଇ ନ ଥିଲେ। ସେ ସମୟରେ ପଞ୍ଜାବକୁ ଅତି ନିକଟରୁ ଦେଖି ଖବର ଲେଖୁଥିବା ଶେଖର ଗୁପ୍ତା ବା ତବଲିନ ସିଂହଙ୍କ ଭଳି ପୁରୁଖା ସାମ୍ବାଦିକମାନେ କହିଥାଆନ୍ତି ଯେ ତତ୍କାଳୀନ ପଞ୍ଜାବର ଗଣମାଧ୍ୟମ, ଆକାଶବାଣୀ ଓ ଦୂରଦର୍ଶନ, ସ୍କୁଲ ଓ କଲେଜର ଶିକ୍ଷାର ବିଷୟ, ଛାତ୍ରୀମାନଙ୍କ ପୋଷାକ, ସର୍ବସାଧାରଣ ସ୍ଥାନରେ ଚାଲିଚଳଣ, ସିନେମା ଓ ମନୋରଂଜନ ଇତ୍ୟାଦି ଭଳି ସମସ୍ତ ବିଷୟ ସନ୍ତ୍ରାସବାଦୀଙ୍କ ନିର୍ଦ୍ଦେଶରେ ନିୟନ୍ତ୍ରିତ ହେଉଥିଲା, ଯାହାକୁ ଆଫଗାନିସ୍ତାନର 'ତାଲିବାନୀକରଣ' ସହିତ ତୁଳନା କରାଯାଇପାରେ। ସୁତରାଂ, ଏକ ଯୁଦ୍ଧ ସଦୃଶ ସ୍ଥିତିରେ ଆତଙ୍କବାଦର ମୂଳୋତ୍ପାଟନ ସକାଶେ ଅତ୍ୟନ୍ତ କଠୋର ପଦକ୍ଷେପର ଆବଶ୍ୟକତା ମଧ୍ୟ ଥିଲା, ଯହିଁରେ ସୁରକ୍ଷା ବଳର ଯଥେଚ୍ଛାଚାରିତାର ସମ୍ଭାବନା ମଧ୍ୟ ରହିଥାଏ; ଯେମିତି ପୁରସ୍କାର ବା ପଦୋନ୍ନତି ଲାଗି କେତେକ ପୁଲିସ ସାଧାରଣ ନାଗରିକଙ୍କୁ ଆତଙ୍କବାଦୀ ବୋଲି ଦର୍ଶାଇ ହତ୍ୟା କରିଥିଲେ। ଯଶୱନ୍ତ ସିଂହ ଖାଲଡ଼ା ଏଭଳି ଅବିଚାରିତ ମୃତ୍ୟୁର ଅନୁମାନ ଲଗାଇବାକୁ ଚାହିଁଥିଲେ। କିନ୍ତୁ, ଏହା ମଧ୍ୟ ସତ ଯେ ପୁଲିସ ଯଥେଚ୍ଛାଚାରିତା ବିଷୟ କହିବାକୁ ଉଦ୍ୟମ କରିଥିବା କଥନିକାରେ ସେହି ୧୭୪୬ (୧୯୮୧ରୁ ୧୯୯୬ ମଧ୍ୟରେ) ଜଣ ପୁଲିସ କର୍ମଚାରୀଙ୍କ ଉଲ୍ଲେଖ ନ ଥାଏ, ଯେଉଁମାନେ ନାଗରିକଙ୍କ ସୁରକ୍ଷା ସକାଶେ ସେ ?ନିକଙ୍କ ଭଳି ଲଢ଼ି ପ୍ରାଣବଳି ମଧ୍ୟ ଦେଇଥିଲେ ! 'ଶତଲୁଜ' ହେଉଛି ଯଶୱନ୍ତ ସିଂହ ଖାଲଡ଼ାଙ୍କ କାହାଣୀ। ସେହିଭଳି ପାଟିଆଲା ନିକଟସ୍ଥ ରାଜପୁରା ସରକାରୀ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ନିବଲ କାନ୍ତାଙ୍କୁ ନେଇ ମଧ୍ୟ ଅକୁହା କାହାଣୀଟିଏ ଅଛି, ଯାହା ଶେଖର ଗୁପ୍ତାଙ୍କ ଲିଖିତ ପଞ୍ଜାବ ଆତଙ୍କବାଦ ସଂବଳିତ ସମ୍ବାଦରେ ସ୍ଥାନ ପାଇଥିଲା। ତାହା ହେଲା, ସ୍କୁଲରେ ପଢୁଥିବା ଝିଅମାନେ ସ୍କର୍ଟ ପରିବର୍ତ୍ତେ ସାଲୱାର ପିନ୍ଧନ୍ତୁ ବୋଲି ସନ୍ତ୍ରାସବାଦୀଙ୍କ ଆଦେଶ ପରିପ୍ରେକ୍ଷୀରେ ମାତ୍ର କେଇ ଦିନର ମହଲତ ଲାଗି ବିନତି କରିଥିଲେ ନିବଲ କାନ୍ତା; କାରଣ ସେହି ସ୍କୁଲରେ ଅଧ୍ୟୟନରତା ବାଳିକାମାନଙ୍କ ଅତ୍ୟନ୍ତ ଦରିଦ୍ର ଅଭିଭାବକଙ୍କ ସକାଶେ ସହସା ନୂଆ ପୋଷାକ ତିଆରିବା ଅସମ୍ଭବ ଥିଲା। ଏହି ବିନତିର ଉତ୍ତରରେ ଆତଙ୍କବାଦୀଙ୍କ ଦୁଇଟି ଗୁଳି ତାଙ୍କୁ ବିଦ୍ଧ କରିଥିଲା। ସେହିଭଳି ଆଉ ଏକ ହୃଦୟ ବିଦାରକ ଅକୁହା କାହାଣୀ ଅଛି, ଯହିଁରେ ଗୃହସ୍ୱାମୀମାନେ ସେମାନଙ୍କ ପୋଷା କୁକୁରମାନଙ୍କୁ ବିଷ ଦେଇ ବା ଗୁଳି କରି ମାରି ଦେବାକୁ ବାଧ୍ୟ ହେଉଥିଲେ, କାରଣ ରାତିରେ ବିଚରଣ କରୁଥିବା ସନ୍ତ୍ରାସବାଦୀଙ୍କ ଲାଗି ପୋଷା କୁକୁରଙ୍କ ଭୁକା ଅସହନୀୟ ଥିଲା ଏବଂ ଯାହାର ପରିଣାମ ସ୍ୱରୂପ କୁକୁରର ମାଲିକମାନଙ୍କ ସକାଶେ ଅପେକ୍ଷା କରି ରହୁଥିଲା ବୁଲେଟ। କହିବାର ମର୍ମ ହେଲା ଅତୀତକୁ ନେଇ ଅନେକ ଦୃଷ୍ଟିକୋଣରୁ ଅନେକ କାହାଣୀ ଲେଖାଯାଇପାରେ; ଯେମିତି କାଶ୍ମୀର ଫାଇଲ୍ସ ବା କେରଳ ଫାଇଲ୍ସ ବା ଶତଲୁଜ ! ଏହି ସରଳ କଥାଟିକୁ ବୁଝିବା ଓ ବୁଝାଇବାର ଆବଶ୍ୟକତା ରହିଛି; ଚଳଚ୍ଚିତ୍ରକୁ ନି ?ଷେଧ କରିଦେବା ସମାଧାନର ସୂତ୍ର ନୁହେଁ ଓ ତାକୁ ନେଇ ରାଜନୀତି କରିବା ହେଉଛି ପରମ ଅବିମୃଶ୍ୟକାରିତା।

# ଘର ବାହୁଡ଼ା

ସ୍ୱାଧୀନତା ପରେ ଉନ୍ନତିର ସୋପାନ ଚଢ଼ିଥିବା ବାଂଲାଦେଶ କଦାପି ଦୟନୀୟ ପାକିସ୍ତାନର ଆଉ ଏକ ପ୍ରତିରୂପ ହେବାକୁ ଚାହିଁବ ନାହିଁ। ଏଭଳି ସ୍ଥଳେ ଉଭୟ ତାରିକ ରହମାନ ଓ ଶେଖ ହସିନା ହୃଦୟଙ୍ଗମ କରିବା ଉଚିତ ଯେ ପ୍ରତିଶୋଧପରାୟଣ ରାଜନୀତି କୌଣସି ରୂପେ ସେମାନଙ୍କ ପ୍ରିୟ ରାଷ୍ଟ୍ରର ହିତାର୍ଥେ ନୁହେଁ। ବିଶେଷ କରି ଶେଖ ହସିନାଙ୍କ ଘର ବାହୁଡ଼ା ବେଳେ ତାରିକ ରହମାନ ବୁଝିବା ଦରକାର ଯେ କ୍ଷମା ଯାଚନାର ସମୟ ଆସି ଯାଇଛି ଏବଂ ଗଠନମୂଳକ ଗଣତନ୍ତ୍ର ଲାଗି ହସିନାଙ୍କ ଘର ବାହୁଡ଼ା ମଧ୍ୟ ଜରୁରି। ଗଲା ଶୁକ୍ରବାର ଦିନ ପ୍ରସିଦ୍ଧ ଗଣମାଧ୍ୟମ ସଂସ୍ଥା ରଏଟର୍ସକୁ ସାକ୍ଷାତ୍କାର ଦେଇ ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନା ଘୋଷଣା କରିଛନ୍ତି ଯେ ସେ ଓ ନିର୍ବାସନରେ ଥିବା ତାଙ୍କ ଅନ୍ୟ କତିପୟ ସହଯୋଗୀ ଆଗାମୀ ଡିସେମ୍ବର ମାସରେ ବାଂଲାଦେଶ ପ୍ରତ୍ୟାବର୍ତ୍ତନ କରିବେ। କହିବା ବାହୁଲ୍ୟ, ଏହି ସ୍ତମ୍ଭର ପାଠକପାଠିକାମାନଙ୍କ ସ୍ମରଣରେ ଥିବ ଯେ ୨୦୨୪ ମସିହା, ଅଗଷ୍ଟ ୫ ତାରିଖ ଦିନ, ଅରାଜକତାର ଅନଳରେ ଦଗ୍ଧୀଭୂତ ହେଉଥିବା ବାଂଲାଦେଶର ରକ୍ତ-ତୃଷାର୍ତ୍ତ ଭିଡ଼ ହାତରୁ କୌଣସିମତେ ବର୍ତ୍ତି ଯାଇ ଶେଖ ହସିନା ଭାରତରେ ପହଞ୍ଚି ରାଜନୈତିକ ଶରଣ ଲାଭ କରି ପାରିଥିଲେ। ତା' ପରବର୍ତ୍ତୀ ଦ୍ରୁତ ଘଟଣାକ୍ରମରେ ପ୍ରତିଶୋଧ ଲାଗି ଅଧୈର୍ଯ୍ୟ ବାଂଲାଦେଶରେ ତାଙ୍କ ଅନୁପସ୍ଥିତି ସତ୍ତ୍ୱେ ତାଙ୍କର ବିଚାର କରାଯାଇ ସେଠାକାର 'ଇଣ୍ଟରନେସନାଲ କୋର୍ଟ ଅଫ ଟ୍ରାଏଲ' ବା 'ଆଇ.ସି.ଟି.' ପକ୍ଷରୁ ମୃତ୍ୟୁ ଦଣ୍ଡ ଶୁଣାଇ ଦିଆଯାଇଥିଲା, ଯାହା ଏ ଯାବତ୍ କାଏମ ରହିଛି। ସୁତରାଂ, ପ୍ରଶ୍ନ ଉଠିଥାଏ ଯେ ତାଙ୍କ ଅକାଳ ମୃତ୍ୟୁର ପ୍ରାୟ ଅନିବାର୍ଯ୍ୟତା ସତ୍ତ୍ୱେ ଶେଖ ହସିନା କାହିଁକି ଘର ବାହୁଡ଼ାର ନିଷ୍ପତି ନେଲେ ? ଏବଂ ଦ୍ୱିତୀୟ ପ୍ରଶ୍ନ ହେଲା ଏହା ପରେ ଭାରତ ଓ ବାଂଲାଦେଶର ସଂପର୍କରେ କିଭଳି ପରିବର୍ତ୍ତନ ଘଟିପାରେ ? ଏ ସବୁର ଉତର ପାଇବା ଲାଗି ଏକ କ୍ଷୁଦ୍ର ଆଲୋଚନାର ଅବକାଶ ପଡ଼ିଥାଏ। ଘର ବାହୁଡ଼ା ନିଷ୍ପତି ପଛରେ ଥିବା ପ୍ରଥମ କାରଣଟିକୁ ସ୍ୱୟଂ ଶେଖ ହସିନା ତାଙ୍କ ସାକ୍ଷାତ୍କାରରେ ଦର୍ଶାଇ ସାରିଛନ୍ତି, ଯାହା ହେଲା ତାଙ୍କ ନେତୃତ୍ୱାଧୀନ ଦଳ ଆୱାମୀ ଲିଗକୁ ବାଂଲାଦେଶରେ ନିଷେଧ କରାଯିବା ଏବଂ ତା'ର ସଦସ୍ୟମାନେ ଘୋର ନିପୀଡ଼ନର ଶିକାର ହେଉଥିବା ପରିପ୍ରେକ୍ଷୀରେ ଶୀର୍ଷ ନେତୃ-ମଣ୍ଡଳି ସେହିଠାରେ ଉପସ୍ଥିତ ହୋଇ ପ୍ରତିବାଦ କରିବା ସହିତ ଦଳରେ ପ୍ରେରଣା ଓ ପ୍ରାଣ ସଂଚାର କରିବା ହେଉଛି ସର୍ବନିମ୍ନ ନୈତିକ ଦାୟିତ୍ୱ; ଯାହାର ଅର୍ଥ ରାଜନୈତିକ ଶରଣର ନିରାପତାକୁ ସ୍ୱେଚ୍ଛାରେ ପରିତ୍ୟାଗ କରିବା। ଉଲ୍ଲେଖ ରହୁ କି ଶେଖ ହସିନାଙ୍କ ଦ୍ୱାରା ପ୍ରଦତ ତଥ୍ୟ ଅନୁସାରେ ୨୦୨୪ ମସିହାରରୁ ଆଜି ମଧ୍ୟରେ ସାତ ଶହରୁ ଅଧିକ ଆୱାମୀ ଲିଗ କର୍ମୀ ଓ କାର୍ଯ୍ୟକର୍ତ୍ତାଙ୍କୁ ହତ୍ୟା କରାଯାଇ ସାରିଲାଣି। ଦ୍ୱିତୀୟ କାରଣଟି ସମ୍ଭବତଃ ଏହା ହୋଇପାରେ ଯେ ଇତିମଧ୍ୟରେ, ପ୍ରାୟ ଦୁଇ ବର୍ଷ ଅତିକ୍ରାନ୍ତ ହେବାକୁ ବସିଥିବାରୁ ତାଙ୍କର ହୃଦ୍ ?ବୋଧ ହୋଇଥିବ ଯେ ପ୍ରତିଶୋଧର ଜ୍ୱଳନ କ୍ରମଶଃ ଶୀତଳ ହେବା ଆରମ୍ଭ କଲାଣି ! କାରଣ, ତାଙ୍କ ବିରୋଧରେ ଏକଛତ୍ରବାଦୀ ଶାସକର ଆରୋପ ଲଗାଯାଉଥିଲେ ହେଁ ତାଙ୍କ ଶାସନ କାଳରେ ବାଂଲାଦେଶ ଲାଭ କରିଥିବା ଆର୍ଥିକ ବିକାଶ ଓ ବିଶ୍ୱ ମାନବ ସୂଚକାଙ୍କର ତାଲିକାରେ ଦେଶର ଉନ୍ନତ ପ୍ରଦର୍ଶନ ଇତ୍ୟାଦି ବିଷୟ ନେଇ ଏବେ ପୁଣି ସେଠାରେ ଆଲୋଚନାର ମୃଦୁ ଗୁଞ୍ଜରଣ ଶୁଭିଲାଣି। କହିବା ଅନାବଶ୍ୟକ ଯେ ସଂପ୍ରତି ବାଂଲାଦେଶର ଆର୍ଥିକ ସ୍ଥିତି ଅତ୍ୟନ୍ତ ନିମ୍ନଗାମୀ ହୋଇଛି। ଏଭଳି ପରିସ୍ଥିତିରେ ତାଙ୍କର ସ୍ୱେଚ୍ଛା ପ୍ରତ୍ୟାବର୍ତ୍ତନକୁ ଅପେକ୍ଷାକୃତ ଅଧିକ ଔଦାର୍ଯ୍ୟର ସହିତ ଦେଖାଯିବାର ସମ୍ଭାବନା ମଧ୍ୟ ରହିଛି; ଅର୍ଥାତ୍, ଏକା ବେଳକେ ପ୍ରାଣଦଣ୍ଡାଦେଶ କାର୍ଯ୍ୟକାରୀ ହୋଇ ନ ପାରେ ! ତୃତୀୟରେ, ବାଂଲାଦେଶର ସଂବିଧାନ ଅନୁସାରେ କୌଣସି ବ୍ୟକ୍ତିଙ୍କୁ ତାଙ୍କ ଅନୁପସ୍ଥିତିରେ ଦଣ୍ଡିତ କରାଗଲେ ସେ ପୁନର୍ବାର ଏକ ବିଚାରର ସୁଯୋଗ ଲାଭ କରିଥାଆନ୍ତି। 'ଆଇ.ସି.ଟି.'ରେ ହୋଇଥିବା ତାଙ୍କ ବିଚାରକୁ ନେଇ ଶେଖ ହସିନା ବରାବର ଆପତି ଜଣାଇ ଆସିଛନ୍ତି କି ତାଙ୍କୁ ନିଜ ମନୋନୀତ ଓକିଲ ଉପଲବ୍ଧ କରାଇ ଦିଆଯାଇ ନ ଥିଲା। ସେଠାରେ ଉପସ୍ଥିତ ରହି ନିଜ ପସନ୍ଦର ଓକିଲଙ୍କ ସହଯୋଗରେ ମକଦ୍ଦମା ଲଢ଼ିବାର ସୁଯୋଗ ହୁଏତ ତାଙ୍କ ମନରେ ଆଶାର ସାମାନ୍ୟ ଆଲୋକ ଜଳାଇଥିବ। ଚତୁର୍ଥ କାରଣଟି ହେଲା, ଶେଖ ହସିନାଙ୍କ ପଳାୟନର ତୁରନ୍ତ ବାଦ ତାଙ୍କ ପ୍ରତ୍ୟର୍ପଣ ସକାଶେ ସେଠାକାର କାମଚଳା ସରକାରଙ୍କ ଦାବିକୁ ଆମ ସରକାରଙ୍କ ପକ୍ଷରୁ ଏଥି ଲାଗି ଅଗ୍ରାହ୍ୟ କରାଯାଇଥିଲା ଯେ ତାହା ଏକ ନିର୍ବାଚିତ ସରକାର ନ ଥିଲା। ସେହି ଦୃଷ୍ଟିରୁ ତାରିକ ରହମାନଙ୍କ ନେତୃତ୍ୱରେ ନିର୍ବାଚିତ ସାଂପ୍ରତିକ ବାଂଲାଦେଶୀ ସରକାରଙ୍କ ପ୍ରତ୍ୟର୍ପଣ ଅନୁରୋଧକୁ ଦୀର୍ଘ କାଳ ସକାଶେ ଏଡ଼ାଇବା ହୁଏତ ଭାରତ ପକ୍ଷରେ କୂଟନୈତିକ ଜଟିଳତା ସୃଷ୍ଟି କରିପାରେ। କାରଣ, ୨୦୧୩ ମସିହାରୁ ଉଭୟ ଦେଶ ମଧ୍ୟରେ ବିଧିବଦ୍ଧ ପ୍ରତ୍ୟର୍ପଣ ରାଜିନାମା ସ୍ୱାକ୍ଷରିତ ହୋଇ ରହିଛି। ଏଭଳି ସ୍ଥିତିରେ ଭାରତକୁ ଅସ୍ୱସ୍ତିରୁ ମୁକ୍ତ କରିବା ଲାଗି ଶେଖ ହସିନା ହୁଏତ ପ୍ରତ୍ୟାବର୍ତ୍ତନର ନିଷ୍ପତି ନେଇଥିବେ। ଏଥିରେ ଦ୍ୱିରୁକ୍ତି ନାହିଁ ଯେ ଡିସେମ୍ବର ମାସରେ ଯଦି ଶେଖ ହସିନା ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରନ୍ତି, ତେବେ ଭାରତ ଓ ବାଂଲାଦେଶ ମଧ୍ୟରେ ହୋଇ ଚାଲିଥିବା ସଂପର୍କର ବିଘଟନରେ ବିରାମ ଲାଗିପାରେ। ଏହା ସୁବିଦିତ ଯେ ୧୯୭୧ ମସିହାରେ, ବାଂଲାଦେଶର ସ୍ୱାଧୀନତା ସମୟରେ, ସେ ଦେଶର ଏକମାତ୍ର ପଥ ପ୍ରଦର୍ଶକ ଓ ମିତ୍ର ରାଷ୍ଟ୍ର ଭାରତ ସଂପ୍ରତି ଏକ ଅପ୍ରିୟ ଶତ୍ରୁ ରାଷ୍ଟ୍ର ରୂପେ ଚିହ୍ନିତ ହେଉଛି ଏବଂ ପାକିସ୍ତାନର ସମର୍ଥକ ଓ ପୃଷ୍ଠପୋଷକ ଭାବେ ସେ ସମୟରେ ଅପନିନ୍ଦିତ ତଥା 'ରଜାକର' ବା 'ବିଶ୍ୱାସଘାତକ' ଭାବେ ଅପଖ୍ୟାତ ଜମାତ-ଏ-ଇସଲାମୀ ସଂପ୍ରତି ସେଠାକାର ଦ୍ୱିତୀୟ ବୃହତ୍ତମ ରାଜନେ ?ତିକ ଦଳ ! ଏହାର ଅର୍ଥ କାଳଚକ୍ରର ଗୋଟିଏ ପୂର୍ଣ୍ଣ ଘୂର୍ଣ୍ଣନ ଘଟିଯାଇଛି। ଏହାର ଏକ ବଡ଼ କାରଣ ହେଉଛି ବାଂଲାଦେଶର ଅଭ୍ୟନ୍ତରୀଣ ରାଜନୀତି, ଯହିଁରେ ଆୱାମୀ ଲିଗକୁ ଭାରତର କ୍ରୀଡ଼ନକ ବୋଲି ବ୍ୟାଖ୍ୟାନ ସୃଷ୍ଟି କରାଯାଇଛି; ଯେଉଁ କାରଣରୁ ଶେଖ ହସିନାଙ୍କ ବିରୋଧରେ କ୍ରୋଧାଗ୍ନି ସ୍ୱାଭାବିକ ଭାବେ ଭାରତ ବିରୋଧୀ ଉତପ୍ତ ହାୱା ପ୍ରବାହିତ କରିଥିଲା। ଏଭଳି ସ୍ଥିତିରେ ଶେଖ ହସିନାଙ୍କୁ ଭାରତ ଦ୍ୱାରା ରାଜନୈତିକ ଶରଣ ପ୍ରଦାନ ହେତୁ ଉଭୟ ରାଷ୍ଟ୍ର ମଧ୍ୟରେ ଥିବା ସଂପର୍କ ସଂପୂର୍ଣ୍ଣ ସଙ୍କଟାପନ୍ନ ହୋଇପଡ଼ିଛି; ଯାହାର ପରିଣତି ହେଉଛି ସେଠାରେ ଚୀନ ଓ ପାକିସ୍ତାନର ପଦଚିହ୍ନ ସୃଷ୍ଟି ଓ ବିସ୍ତୃତି। ସେହି ଦୃଷ୍ଟିରୁ ଶେଖ ହସିନାଙ୍କ ଘର ବାହୁଡ଼ା ହେତୁ ସଂପର୍କର ଅବକ୍ଷୟରେ ବିରାମ ଲାଗିବ ବୋଲି ଭାରତ ଆଶାବାଦୀ। ଇତିମଧ୍ୟରେ ବାଂଲାଦେଶର ହାଇକମିସନର ଭାବେ, କେ ?ଣସି କୂଟନୀତିଜ୍ଞଙ୍କ ପରିବର୍ତ୍ତେ, ଦୀନେଶ ତ୍ରିବେଦୀଙ୍କ ଭଳି ଜଣେ ପୂର୍ବତନ କ୍ୟାବିନେଟ ମନ୍ତ୍ରୀ ତଥା ପୁରୁଖା ରାଜନେତାଙ୍କୁ ଚୟନ କରି ଭାରତ ଜଣାଇ ଦେଲାଣି ଯେ ସ୍ଥିତି ସମ୍ଭାଳିବାର ସମୟ ଉପନୀତ; ଯେଉଁ କାମଟି କେବଳ ଜଣେ ଅଭିଜ୍ଞ ରାଜନେତାଙ୍କ ବିଚକ୍ଷଣ ବ୍ୟାବହାରିକ ବୁଦ୍ଧି ଓ ନମନୀୟ ବିଚାର ଯୋଗେ ସମ୍ଭବ ! ବାଂଲାଦେଶର ପ୍ରଧାନମନ୍ତ୍ରୀ ତାରିକ ରହମାନ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ମଧ୍ୟରେ ଥିବା ବିଦ୍ୱେଷର ମୂଳ କାରଣ ତାତ୍କାଳିକ ରାଜନୀତିକୁ ଅତିକ୍ରମ କରି ପହଞ୍ଚିଥାଏ ଉଭୟଙ୍କ ପିତା ତଥା ସ୍ୱାଧୀନ ବାଂଲାଦେଶର ଦୁଇ ଜନକ ଯଥାକ୍ରମେ ଜିଆଉର ରହମାନ ଓ ମୁଜିବୁର ରହମାନଙ୍କ ମଧ୍ୟରେ ଥିବା ମତାଦର୍ଶଗତ ପାର୍ଥକ୍ୟରେ। ତା' ସତ୍ତ୍ୱେ, କିନ୍ତୁ, ସେମାନେ ଥିଲେ ଉତ୍କଟ ପାକିସ୍ତାନ ବିରୋଧୀ। ତେଣୁ, ଏମାନଙ୍କ ସନ୍ତାନ ଦ୍ୱୟ ବାଂଲାଦେଶର ଭୂମିରୁ ପାକିସ୍ତାନର ପଦଚିହ୍ନକୁ ନିର୍ଶ୍ଚିହ୍ନ କରିବା ଦିଗରେ ଅଭିପ୍ରେତ ହେବା ଜରୁରି। ତେଣୁ, ପ୍ରଥମେ ଲୋଡ଼ା ବାଂଲାଦେଶରୁ ପ୍ରତିଶୋଧ ପରାୟଣ ରାଜନୀତିର ବିଦାୟ। ଇତିହାସ ସାକ୍ଷ୍ୟ ଦେଇଥାଏ ଯେ ଏଭଳି ରାଜନୀତିର ସୁଯୋଗ ନେଇ ହିଁ ବାଂଲାଦେଶରେ ଜମାତ-ଇ-ଇସଲାମୀ ଦୃଢ଼ ହୋଇଛି ଏବଂ ପାକିସ୍ତାନର ପ୍ରଭାବ ବଳୟ ସୃଷ୍ଟି କରିଛି। କହିବା ବାହୁଲ୍ୟ, ସ୍ୱାଧୀନତା ପରେ ଉନ୍ନତିର ସୋପାନ ଚଢ଼ିଥିବା ବାଂଲାଦେଶ କଦାପି ଦୟନୀୟ ପାକିସ୍ତାନର ଆଉ ଏକ ପ୍ରତିରୂପ ହେବାକୁ ଚାହିଁବ ନାହିଁ। ଏଭଳି ସ୍ଥଳେ ଉଭୟ ତାରିକ ରହମାନ ଓ ଶେଖ ହସିନା ହୃଦୟଙ୍ଗମ କରିବା ଉଚିତ ଯେ ପ୍ରତିଶୋଧପରାୟଣ ରାଜନୀତି କେ ?ଣସି ରୂପେ ସେମାନଙ୍କ ପ୍ରିୟ ରାଷ୍ଟ୍ରର ହିତାର୍ଥେ ନୁହେଁ। ବିଶେଷ କରି ଶେଖ ହସିନାଙ୍କ ଘର ବାହୁଡ଼ା ବେଳେ ତାରିକ ରହମାନ ବୁଝିବା ଦରକାର ଯେ କ୍ଷମା ଯାଚନାର ସମୟ ଆସି ଯାଇଛି ଏବଂ ଗଠନମୂଳକ ଗଣତନ୍ତ୍ର ଲାଗି ହସିନାଙ୍କ ଘର ବାହୁଡ଼ା ମଧ୍ୟ ଜରୁରି।

# ମାନବବାଦ, ଲୋକଗୀତ ଓ ଶ୍ରୀଜଗନ୍ନାଥ

ଶ୍ରୀଜଗନ୍ନାଥ କେବଳ ନୁହନ୍ତି, ସମସ୍ତ ଦେବଦେବୀ ପୂଜାରେ ମାନବ ବାଦ ଅତି ପରିସ୍ଫୁଟ। ମଣିଷ ଜୀବନ ଦୁର୍ଲ୍ଲଭ ଏବଂ ମଣିଷ, ପଶୁ, ପକ୍ଷୀ, ତରୁଲତା ସମସ୍ତ ଜୀବ ସୃଷ୍ଟି ମଧ୍ୟରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଅଛି। ତହୁଁ ମଣିଷର ମଙ୍ଗଳ ବିଧାନ ମଣିଷର ସମସ୍ତ ସାମାଜିକ ଓ ଆଧ୍ୟାତ୍ମିକ ତନ୍ତ୍ରର ମୂଳକେନ୍ଦ୍ର। ପ୍ରତିମା ପୂଜାରେ ଏହି ମାନବ ବାଦ ପ୍ରତିଫଳିତ। ମଣିଷ ମନ ଅନୁସାରେ ଦେବତା। ଭକ୍ତର ଯେଉଁ ରୂପରେ ଭଗବାନଙ୍କୁ ଦେଖିବା ଇଚ୍ଛା, ସେହି ରୂପରେ ଭଗବାନ ଆବିର୍ଭାବ ହୁଅନ୍ତି। ଭଗବାନ ମାନବ ରୂପରେ ଅବତାର ଗ୍ରହଣ କରିଛନ୍ତି। ଶ୍ରୀରାମ, ଶ୍ରୀକୃଷ୍ଣ, ବୁଦ୍ଧ ଏହି ସମସ୍ତ ଅବତାର ମାନବର। ତେଣୁ ପ୍ରତିମା ପୂଜାରେ ଏହି ମଣିଷର ନାନା ଆଚାର, ବ୍ୟବହାର ପ୍ରତିଫଳିତ ହେବା ସ୍ୱାଭାବିକ। ଓଡ଼ିଶାରେ ଭକ୍ତ ପରମ୍ପରା, ଭକ୍ତିବାଦ ଓ ଭକ୍ତ କବିଙ୍କର ଏକ ବଳିଷ୍ଠ ଧାରା ସ୍ରୋତସ୍ୱିନୀ ନଦୀ ପରି ପ୍ରବାହିତ। ସେଥିପାଇଁ ଓଡ଼ିଶାକୁ ଅତୀତରୁ 'ଦେବଭୂମି ଉତ୍କଳ' ବୋଲି ବହୁ କବି, ଭକ୍ତ ଓ ପଣ୍ଡିତ ସ୍ୱୀକାର କରିଯାଇଛନ୍ତି। ଏପରିକି ଇଂରେଜ ଯୁଗରେ ଆଲୋଚକମାନେ ଓଡ଼ିଶାର ପ୍ରତ୍ୟେକ ସ୍ଥାନରେ ଶହ ଶହ ମନ୍ଦିର ଦର୍ଶନ କରି ଏହାକୁ 'ମନ୍ଦିର ମାଳିନୀ ଓଡ଼ିଶା' ନାମରେ ନାମିତ କରିବାକୁ ଭୁଲି ନାହାନ୍ତି। ଏହି ଦୃଷ୍ଟିରୁ ବହୁ ସମାଲୋଚକ ଓଡ଼ିଶା ତଥା ଶ୍ରୀକ୍ଷେତ୍ର ବୈଦିକ ଯୁଗ ପୂର୍ବର ଏକ ପୁଣ୍ୟ ପୀଠ ବୋଲି ସ୍ୱୀକାର କରନ୍ତି। କାରଣ ତୈତିରୀୟ ଶ୍ରୁତି, ଋକବେଦ ଏବଂ ଅଥର୍ବ ବେଦରେ ଉଲ୍ଲେଖ କରାଯାଇଛି ଯେ -'ଆଦୌ ଯଦ୍ଦାରୁ ସିନ୍ଧୋଃପାରେ ଅପୁରୁଷମ୍, ତଦା ରଭସ୍ୱ ଦୁର୍ହଣୋ ତେନ ଗଚ୍ଛ ପରସ୍ତରମ୍।'ରଥ ତିନି, ରୂପ ତିନି ହେଲେ ମଧ୍ୟ ଗୋଟିଏ ରୂପ ସେ ଜଗନ୍ନାଥ, ଗୋଟିଏ ନାମ ସେ ଜଗନ୍ନାଥ। ସମସ୍ତଙ୍କୁ ବିମୋହିତ କରେ। ଚାରୋଟି ଦେବତା, ଚାରୋଟି ରୂପ, କୃଷ୍ଣ, ଶ୍ୱେତ, ପୀତ ଓ ଲୋହିତ। ଏହି ଚାରୋଟି ବର୍ଣ୍ଣ ଓ ବିଶ୍ୱର ସକଳ ମଣିଷ ମାନଙ୍କର ବର୍ଣ୍ଣ। ସତେ ଯେମିତି ସବୁ ଦେବତାଙ୍କ ଭିତରେ ସବୁ ମଣିଷ ମିଳିଯାଇଛନ୍ତି। ସମସ୍ତେ ଏକ ହୋଇଯାଇଛନ୍ତି। ଭେଦରେ ଅଭେଦ ଏହି ମୂର୍ତ୍ତି ଚତୁଷ୍ଟୟଙ୍କ ବାଣୀ-ମନ୍ତ୍ର। ମୂର୍ତ୍ତି ଚାରି, ଅଥଚ ସବୁ ସେଇ ଏକ ଜଗନ୍ନାଥ। ଚାରି ବର୍ଣ୍ଣରେ ଚଉବର୍ଗ ଦେବାକୁ ସେ ସମର୍ଥ। ସେ ଜଗତର ନାଥ ଜଗନ୍ନାଥ। ଜଗନ୍ନାଥ ଉକ୍ତିରେ ଠାକୁର, ସେ ରୂପ ହୋଇ ମଧ୍ୟ ଅରୂପ, ଆକାର ପରି ଦିଶୁଥିଲେ ମଧ୍ୟ ନିରାକାର। ସେ ନିର୍ଗୁଣ ହୋଇ ବି ସଗୁଣ। ସେ ଶୂନ୍ୟ ଶୂନ୍ୟ ମହାଶୂନ୍ୟ ହୋଇ ମହାକାରୁଣ୍ୟ। ତେଣୁ ସେ କରୁଣାସାଗର, କୃପାସିନ୍ଧୁ। ଶଙ୍କରାଚାର୍ଯ୍ୟ ହିଁ ସର୍ବ ପ୍ରଥମେ ଜଗନ୍ନାଥାଷ୍ଟକରେ ଜଗନ୍ନାଥଙ୍କର ମହିମାମୟ ବର୍ଣ୍ଣନା ସହିତ ରଥଯାତ୍ରାର ଚିତ୍ର ଦେଲେ। ସେ ଲେଖିଲେ - 'ରଥାରୂଢ଼ଗଚ୍ଛନ ପଥି ମିଳିତ ଭୂଦେନ ପଟ୍ଟଳୈଃ, ସ୍ତୁତି ପ୍ରାଦୁର୍ଭାବ ପ୍ରତିପଦ ମୁପାକର୍ଣ୍ଣେ ସଦୟଃ, ଦୟା ସିନ୍ଧୁର୍ବନ୍ଧୁଃ ସକଳ ଚରଣ ସିନ୍ଧୁସୁତୟୋ, ଜଗନ୍ନାଥ ସ୍ୱାମୀ ନୟନ ପଥଗାମୀ ଭବତୁ ମେ।' ଜଗନ୍ନାଥ ଓଡ଼ିଆ ଜାତିର କୁଳଦେବତା କହିଲେ ଅତ୍ୟୁକ୍ତି ହେବନାହିଁ। ଓଡ଼ିଆ ମନ ପ୍ରାଣ ସମଗ୍ର ଚିନ୍ତା ଓ ଚେତନାରେ ଜଗନ୍ନାଥ ଆସ୍ଥାନ ଜମାଇ ରହିଛନ୍ତି। ତେଣୁ ଓଡ଼ିଶାର ଲୋକ ସଂସ୍କୃତି ଓ ଚଳଣିରୁ ସୃଷ୍ଟି ହୋଇଥିବା ଓଡ଼ିଆ ଲୋକଗୀତରୁ ସେ ବାଦ ପଡ଼ନ୍ତେ କେମିତି। ଓଡ଼ିଆ ଜନଜୀବନର ପ୍ରତିଟି ଅଂଶକୁ ଜଗନ୍ନାଥ କେମିତି ଛୁଇଁ ଯାଇଛନ୍ତି, ଓଡ଼ିଆର ଭାବନାର ପ୍ରତିଟି ପାଖୁଡ଼ାରେ ଜଗନ୍ନାଥ କେମିତି ସଦା ବିଦ୍ୟମାନ, ଏସବୁ ଲୋକଗୀତ ତା'ର ଜୀବନ୍ତ ପ୍ରମାଣ। ଓଡ଼ିଶାର କୃଷି ଭିତ୍ତିକ ଜୀବନଶୈଳୀରେ ଆଷାଢ଼ ମାସରେ ହେଉଥିବା ରଥଯାତ୍ରାର ଅପୂର୍ବ ସଂପର୍କ ରହିଛି ଯେମିତି - 'ଆଷାଢ଼ ମାସରେ ଆଷାଢ଼ିଆ କୋଳି, ରଥେ ବିଜ କଲେ ବଳି ବାମନ ମଟଂରେ ହୁଳହୁଳି।' ଆକାଶରେ ମେଘକୁ ଦେଖି ଓଡ଼ିଆର ପ୍ରାଣ ଗାଇ ଉଠିଛି - 'ମେଘ କଳା ଘଡ଼ଘଡ଼ି, ଜଗନ୍ନାଥ ଗଲେ ଗୁଣ୍ଡିଚା ବାଡ଼ି, ଷୋଳ ଚକା ଗଲା ଗଡ଼ି।' ବହୁ ଦୂରରୁ ଧାଇଁ ଆସିଥିବା ଭକ୍ତଟିଏ ଜଗନ୍ନାଥଙ୍କୁ ଦେଖିବା ପାଇଁ କେତେ ବ୍ୟାକୁଳ ତା'ର ନିଦର୍ଶନ ହେଉଛି - 'ନଡ଼ିଆ ଭାଙ୍ଗିଲି ପଡ଼ିଆରେ, ହୃଦ ଛନ ଛନ ବାହାରେ ମନ, କେମିତି ଦେଖିବି କାଳିଆରେ।' ଜଗନ୍ନାଥ ସଂସ୍କୃତି ହେଉଛି 'ବସୁଧୈବ କୁଟୁମ୍ବକମ୍'ର ସଂସ୍କୃତି। ସମଗ୍ର ବିଶ୍ୱ ଏଠାରେ ଗୋଟିଏ ପରିବାର। ଏଠାରେ ଉଚ୍ଚ ନୀଚ ନାହିଁ। ପର ଆପଣା ନାହିଁ। ସାମ୍ୟ ମୈତ୍ରୀ ବାନା ଉଡାଏ ପତିତପାବନ ବାନା। ବଡ଼ ଦେଉଳରେ ବାର ମାସରେ ତେର ପର୍ବ ପାଳିତ ହୁଏ। ଓଡ଼ିଆର ପର୍ବପର୍ବାଣି ମଧ୍ୟ ଜଗନ୍ନାଥଙ୍କୁ ନେଇ ଗଢ଼ି ଉଠିଛି। ଯେମିତି ଏକ ଲୋକଗୀତରେ - 'ବଡ଼ ଦେଉଳେ ଲାଗିଛି ହାଟ, ନିତି ପୁନିଅ ନିତି ହାଟ।' ଝିଅ ବିବାହ କରି ଶାଶୁଘରକୁ ଗଲାବେଳେ ମଧ୍ୟ ତାର ବାହୁନା / କାନ୍ଦଣା ଗୀତରେ କହେ - 'ରଥରେ ଲାଗିଲା ରଥ ଦଉଡି, ମୋ ଠାରେ ଲାଗିଲା ଯମ ଦଉଡି ହେ ବାପା, ରଥ ଦଉନି ତ ବାହୁଡ଼ା ଯାକେ, ଯମ ଦଉଡି ତ ମରିବା ଯାକେ ହେ ବାପା !' ଓଡ଼ିଶାର ଲୋକକଳା ଯେମିତି ପାଲା, ଦାସକାଠିଆ, ଦଣ୍ଡନାଚ, ଘୋଡ଼ାନାଚ, ଗୋପାଳଙ୍କ ଓଗାଳ ଓ ଶବର ଶବରୁଣୀ ନାଚରେ ଜଗନ୍ନାଥଙ୍କ ବର୍ଣ୍ଣନାର ସ୍ପଷ୍ଟ ଚିତ୍ର ଦେଖିବାକୁ ମିଳେ। ଓଡ଼ିଶାର ପ୍ରଧାନ ପର୍ବ ହେଲା ରଜ। ରାଜରେ କୁମାରୀ ଝିଅ ଓ ନବ ବିବାହିତାମାନେ ଦୋଳି ଖେଳିଲା ବେଳେ ମଧ୍ୟ ଗୀତରେ ଜଗନ୍ନାଥଙ୍କ ଠାରେ ନିଜର ସୁଖଦୁଃଖ ଜଣାଇଥାଆନ୍ତି।

Printed, Published,Edited and Ownedby Prakash Kumar Dhal,Printed at Das Offset Printers,Uditnagar,Main Road,Rourkela, Dist. Sundargarh, orissa -769012 & Published at QR.No. ECR-73,Chhend Colony,Rourkela -15, Dist. Sundergarh, Orissa. ସଂପାଦକ: ପ୍ରକାଶ କୁମାର ଧଳ
Mobile : 9439951525,Email: utkalsamachar@gmail.com / utkalsamachar@rediffmail.com (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଉତରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକାର ଅଧୀନରେ ହିଁ ହେବ।) Phone: 0661-2646999 Editor : Prakash Kumar Dhal
CITY OFFICE: B/204, SECTOR-16, ROURKELA, Pin :769003




# ଶ୍ରୀ ଶ୍ରୀ ଲକ୍ଷ୍ମୀନୃସିଂହ ମନ୍ଦିର ଆଡପ ମଣ୍ଡପରେ ବିଜେ ଶ୍ରୀଜଗନ୍ନାଥ ମହାପ୍ରଭୁ



ରାଉରକେଲା,୨୦/୭(ନି/ପ୍ର): ଆଜି ହେରାପଂଚମୀ, ଉଦିତନଗର ଓରାମପଡା ଶ୍ରୀ ଶ୍ରୀ ଲକ୍ଷ୍ମୀନୃସିଂହ (ଶ୍ରୀ ଗୁଣ୍ଡିଚା ମନ୍ଦିର)ର ଆଡପ ମଣ୍ଡପରେ ବିଜେ ହୋଇଛନ୍ତି ହନୁମାନ ବାଟିକା ଶ୍ରୀଜଗନ୍ନାଥ ମନ୍ଦିରର ଶ୍ରୀଜଗନ୍ନାଥ ମହାପ୍ରଭୁ, ବଡଭାଇ ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରାଙ୍କ ସହ ଶ୍ରୀସୁଦର୍ଶନ। କର୍ମ ବେଦୀରୁ ଜନ୍ମ ବେଦୀ ଶ୍ରୀ ଶ୍ରୀ ଲକ୍ଷ୍ମୀନୃସିଂହ ମନ୍ଦିରର ଆଡପ ମଣ୍ଡପରେ ବିଜେ କରିଛନ୍ତି ଶ୍ରୀଜଗନ୍ନାଥ ମହାପ୍ରଭୁ। ଶ୍ରୀ ଶ୍ରୀ ଲକ୍ଷ୍ମୀନୃସିଂହ ମନ୍ଦିରରେ ଆଜି ସକାଳେ ମହାପ୍ରଭୁଙ୍କ ମଙ୍ଗଳ ଆଳତି ପରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନିତିକାନ୍ତି ସହ ସକାଳ ଧୂପ ସମ୍ପନ୍ନ ହୋଇଥିଲା। ମଧ୍ୟାହ୍ନରେ ଆଡପ ଅଭଡା ପ୍ରସ୍ତୁତ ପରେ ଏହାକୁ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନିକଟରେ ପ୍ରସାଦଲାଗି ସହ ଆଳତୀ ହୋଇଥିଲା। ମହାପ୍ରଭୁଙ୍କ ଆଡପ ଅଭଡା ସେବନ ପାଇଁ ଉଦିତନଗର, ଓରାମପଡା, ଶୀତଳପଡା, ପାୱାର ହାଉସ୍ ରୋଡ ସମେତ ବିଭିନ୍ନ ସ୍ଥାନରୁ ଭକ୍ତଙ୍କ ସମାଗମ ହୋଇଥିଲା। ଶ୍ରୀ ଶ୍ରୀ ଲକ୍ଷ୍ମୀନୃସିଂହ ମନ୍ଦିରର କର୍ତ୍ତା ସୁନାକର ନାୟକ, ସହଧର୍ମିଣୀ ଶ୍ରୀମତୀ ମଞ୍ଜୁସା ନାୟକ, ପୁରୋଧା ଶ୍ରୀମତୀ ସବିତା ରାୟ, ପ୍ରମୋଦ କୁମାର ନାୟକ, ବାବୁଲା ନାୟକ, ଡି ଉପେନ୍ଦ୍ର, ଯୋଗେନ୍ଦ୍ର ନାୟକ, ରାଜୁ ଭୂୟାଁ, ଉତମ ଜୟପୁରିଆ, କଳ୍ପତରୁ ସେଠୀଙ୍କ ସମେତ ରୁଦ୍ରବାବା ଆଖଡା କମିଟିର ସଦସ୍ୟ ପ୍ରମୁଖ ଉପସ୍ଥିତ ରହି ପ୍ରସାଦ ସେବନ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶ୍ରୀଜଗନ୍ନାଥ ମହାପ୍ରଭୁ ସ୍ନାନ ପୂର୍ଣ୍ଣିମାରେ ସ୍ନାନ କରି ଅସୁସ୍ଥ ହୋଇ ଅଣସର ଘରେ ରହି ଆରୋଗ୍ୟ ହେବା ପରେ ରଥଯାତ୍ରାରେ ବଡ଼ଭାଇ ଶ୍ରୀବଳଭଦ୍ର, ଭଉଣୀ ଦେବୀ ସୁଭଦ୍ରାଙ୍କ ଓ ଶ୍ରୀସୁଦର୍ଶନଙ୍କ ସହିତ ମାଉସୀ ମା ମନ୍ଦିର ଅର୍ଥାତ୍ ଶ୍ରୀଗୁଣ୍ଡିଚା ମନ୍ଦିରକୁ ଯାତ୍ରା କରିଥିଲେ। ଏକଥା ଶ୍ରୀ ମହାଲକ୍ଷ୍ମୀଙ୍କୁ ଅଗୋଚର ଥିଲା। ମନ୍ଦିରରେ ଶ୍ରୀମହାଲକ୍ଷ୍ମୀ ମହାପ୍ରଭୁଙ୍କୁ ନପାଇ ଆଜି ହେରାପଂଚମୀରେ ଶ୍ରୀଜଗନ୍ନାଥଙ୍କୁ ଦେଖା କରିବାକୁ ଆସିଥିଲେ। ଏଠାରେ ମଧ ମହାପ୍ରଭୁଙ୍କ ସହିତ ମହାଦେବୀଙ୍କ ସାକ୍ଷାତ ହୋଇପାରି ନଥିଲା। ତେଣୁ ଶ୍ରୀ ମହାଲକ୍ଷ୍ମୀ ରାଗି ଯାଇ ରଥରୁ ଖଣ୍ଡେ ଭାଙ୍ଗି ଦେଇ ଫେରିଯାଇଥିଲେ। ଏହା ହେଉଛି ହେରାପଂଚମୀର ମାହାତ୍ମ୍ୟ। ଆଜି ହେରାପଂଚମୀରେ ଶ୍ରୀ ମହାଲକ୍ଷ୍ମୀ ମାଉସୀ ମାଆ ମନ୍ଦିର ଶ୍ରୀ ଶ୍ରୀ ଲକ୍ଷ୍ମୀନୃସିଂହଙ୍କୁ ରାତିରେ ଆସିବାର କାର୍ଯ୍ୟକ୍ରମ ରହିଥିବା ବେଳେ ମନ୍ଦିର କମିଟି ପକ୍ଷରୁ ହେରାପଂଚମୀ ପାଇଁ ଆୟୋଜନ କରାଯାଇଛି।

# କବି ଦିବାକର ଦାସଙ୍କ 'ଭାବ ବୀଥିକା' ପୁସ୍ତକ ଲୋକାର୍ପିତ



ରାଉରକେଲା,୨୦/୭(ନି/ପ୍ର): ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଇସ୍ପାତ ସାହିତ୍ୟ ସଂସଦ ଆନୁକୂଲ୍ୟରେ ସେକ୍ଟର ସାତ ସ୍ଥିତ କାର୍ଯ୍ୟାଳୟ ଠାରେ କବି ଦିବାକର ଦାସଙ୍କ କବିତା ପୁସ୍ତକ 'ଭାବ ବୀଥିକା' ଲୋକାର୍ପିତ ହୋଇ ଯାଇଛି। ସାହିତ୍ୟ ସଂସଦର ସଭାପତି ନୃସିଂହ ଚରଣ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ପ୍ରଶାନ୍ତ କୁମାର ପତି ମୁଖ୍ୟ ଅତିଥି ଭାବରେ ଏବଂ କବି ତାରିଣୀ ଚରଣ ସାହୁ ମୁଖ୍ୟ ବକ୍ତା ଭାବରେ ଯୋଗଦାନ କରିଥିଲେ। କବୀ ବିଜୟିନୀ ଜେନାଙ୍କ ମଂଚ ପରିଚାଳନାରେ ଅନୁଷ୍ଠିତ ଉନ୍ମୋଚନ ସଭାରେ କବି ମଞ୍ଜୁଳା କୁମାରୀ ରଥ ସମ୍ମାନିତ ବକ୍ତା ଭାବରେ ଏବଂ କବି ଉପେନ୍ଦ୍ର ବସ୍ତିଆ ସମ୍ମାନିତ ଅତିଥି ଭାବରେ ମଚାଂସୀନ ଥିଲେ। ସର୍ବ ପ୍ରଥମେ ଅତିଥି ମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ କରାଯାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ଶ୍ରୀଜଗନ୍ନାଥଙ୍କ ଉପରେ ପଚାଂବନ ଗୋଟି କବିତା ସ୍ଥାନିତ ହୋଇଥିବା ପୁସ୍ତକ 'ଭାବ ବୀଥିକା' ଉପରେ ଅତିଥି ମାନେ ମତବ୍ୟକ୍ତ କରିଥିଲେ। କବି ଦିବାକର ଦାସ ଲେଖକୀୟ ଅଭିବ୍ୟକ୍ତି ପ୍ରଦାନ କରିଥିବା ବେଳେ ପ୍ରକାଶିକା କଲ୍ୟାଣୀ ଦାସ ବକ୍ତବ୍ୟ ପ୍ରଦାନ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ କବି ଅଭିରାମ ପ୍ରଧାନଙ୍କ ସଭାପତିତ୍ୱରେ ଏବଂ କବୀ ସୁମିତ୍ରା ମିଶ୍ର ଓ ମମତା ଜେନାଙ୍କ ସଂଯୋଜନାରେ ଲୋକାର୍ପିତ ପୁସ୍ତକରୁ କବିତା ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରମେଶ ଚନ୍ଦ୍ର ସାମନ୍ତଙ୍କ ଦ୍ୱାରା 'ଘନ କାଳିଆ ନୀଳାଚଳିଆ', ଅଶୋକ କୁମାର ପଟ୍ଟନାୟକଙ୍କ ଦ୍ୱାରା 'ଲୀଳାମୟ ଶ୍ରୀଜଗନ୍ନାଥ', ଭୀମ ସେନ ସାହୁଙ୍କ ଦ୍ୱାରା 'ହେ ଈଶ୍ୱର', ପ୍ରକାଶ ଚନ୍ଦ୍ର ସେଠୀଙ୍କ ଦ୍ୱାରା 'ମନ ଅଗଣାକୁ ଆସ ମହାପ୍ରଭୁ', ନିକୁଞ୍ଜ ବିହାରୀ ଦାଶଙ୍କ ଦ୍ୱାରା 'ତୁମେ ଜଗତର ନାଥ', କୁଞ୍ଜ ବିହାରୀ ରାଉତଙ୍କ ଦ୍ୱାରା 'କଳା ଶ୍ରୀମୁଖ', ଦୀପ୍ତି ମହାନ୍ତିଙ୍କ ଦ୍ୱାରା 'ପ୍ରଭୁ ଜଗନ୍ନାଥ ପତିତପାବନ', ସବିତା ବସ୍ତିଆଙ୍କ ଦ୍ୱାରା 'ଦେବ ସ୍ନାନ ପୂର୍ଣ୍ଣମୀ', ଗୀତାରାଣୀ ବେହେରାଙ୍କ ଦ୍ୱାରା 'କଦମ୍ବ ମୂଳେ ଜଗନ୍ନାଥ', ଗୌତମ ଦାସଙ୍କ ଦ୍ୱାରା 'ରଥ ଯାଏ ଗଡି', ତ୍ରିପର୍ତି ନାରାୟଣ ମିଶ୍ରଙ୍କ ଦ୍ୱାରା 'ନୀଳାଦ୍ରି ମଣ୍ଡପ', କନକ ଲତା ଦାସଙ୍କ ଦ୍ୱାରା 'ହେ କଳା ସାଆନ୍ତ', ସତ୍ୟ ଦାସଙ୍କ ଦ୍ୱାରା 'କଳା ଶ୍ରୀମୁଖ' କବିତା ପାଠ କରା ଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶତାଧିକ ସାହିତ୍ୟିକ, ବୁଦ୍ଧିଜୀବୀ ଓ ସାହିତ୍ୟ ପ୍ରେମୀ ଯୋଗଦାନ କରିଥିଲେ। ଶେଷରେ ପ୍ରକାଶିକା କଲ୍ୟାଣୀ ଦାସ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଜିଲ୍ଲା ଲେଖକ ପରିଷଦ ପକ୍ଷରୁ ଭାବର ଭୂଇଁ ଗନ୍ଧମାର୍ଦ୍ଦନ କାର୍ଯ୍ୟକ୍ରମ

ବଲାଙ୍ଗୀର,୨୦/୭(ନି/ପ୍ର): ଗନ୍ଧମାର୍ଦ୍ଦନ ଜୈବ ବିବିଧତାର ସୁରକ୍ଷା ସମୟର ଆହ୍ୱାନ। ଜନଜୀବନ ସହ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ଏହି ପର୍ବତମାଳାରୁ ବାହାରି ଥିବା ଶତାଧିକ ଝରଣା ତଥା ଜଳ ଜମି ଜଙ୍ଗଲର ସୁରକ୍ଷା ପାଇଁ ସାମଗ୍ରୀକ ଏକତା ଆବଶ୍ୟକ। ଶିଳ୍ପ ବିକାଶ ଆଳରେ ଜନସାଧାରଣଙ୍କ ପାଇଁ ଅତ୍ୟନ୍ତ ସମ୍ବେଦନଶୀଳ ଏବଂ ସାଂସ୍କୃତିକ ତଥା ଐତିହାସିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଏହି ଅଂଚଳରେ ଖଣି ଖନନର ମସୁଧା ଦୁର୍ଭାଗ୍ୟଜନକ ବୋଲି ମତ ପ୍ରକାଶ ପାଇଛି। ଜିଲ୍ଲା ଲେଖକ ପରିଷଦ ବଲାଙ୍ଗିର ଆନୁକୂଲ୍ୟରେ ହରିଶଙ୍କର ପର୍ଯ୍ୟଟନସ୍ଥଳୀ ଠାରେ 'ଭାବର୍ ଭୂଇଁ ଗନ୍ଧମାର୍ଦ୍ଦନ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପରିଷଦ ସଭାପତି ଜୟକୁମାର ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରଥମ ଅଧିବେଶନରେ ସମ୍ପାଦକ ତଥା କୋଶଲୀ କବି ସୁଶାନ୍ତ କୁମାର ବାଗ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଉପସଭାପତି ବରିଷ୍ଠ ଅଧିବକ୍ତା ଆଶିଷ ଚନ୍ଦନ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଆଲୋଚକ ଭାବେ ଆଦିବାସୀ ସଂସ୍କୃତି ଗବେଷକ ଅଜିତ କୁମାର ଭୋଇ, ଗୋରଖନାଥ ସାହୁ, ଡଃ. ଗୋବର୍ଦ୍ଧନ ନାଏକ, କୋଶଲବାଦୀ ନେତା ସୁଶିଲ ଗୁରୁ ଉପସ୍ଥିତ ଥିବା ବେଳେ ସାମାଜିକ କାର୍ଯ୍ୟକର୍ତ୍ତା ମୃତ୍ୟୁଞ୍ଜୟ କୁମାର ସଭା ସଂଯୋଜନା କରିଥିଲେ। କବି ହେମନ୍ତ ଦଳପତି ପ୍ରତିରୋଧ କାହିଁକି ଆବଶ୍ୟକ ସେ ବିଷୟରେ କହିଥିଲେ। କବି ଭିକାରୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ଅଧିବେଶନରେ ସଂଯୁକ୍ତା ପରିଚ୍ଛାଙ୍କ ଅଧ୍ୟକ୍ଷତାରେ କବିତା ଆସର ଅନୁଷ୍ଠିତ ହୋଇଥିଲା। କବି ଅର୍ଜୁନ କୁମାର ସାହୁ, ସଂଯୁକ୍ତା ଚନ୍ଦନ ଓ ରନ୍ମୟ ତ୍ରିପାଠୀ ସଂଯୋଜନା ଦାୟିତ୍ୱରେ ରହିଥିଲେ। ସୁବର୍ଣ୍ଣ ନାରୀ ଜାଗରଣ ମଂଚ ସୋନପୁରର ଆବାହିକା ମୀନା ମହାରଣା ଧନ୍ୟବାଦ ଦେଇଥିଲେ। ଧରମ ସିଂ ଧରୁଆ, ଗୁପ୍ତେଶ୍ୱର କୁଅଁରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଂଚଳର ଅନେକ କବି ସ୍ୱରଚିତ କବିତାମାନ ପାଠ କରିଥିଲେ।

## ଯୋନେକ୍ସ ସନରାଇଜ୍ ଜିଲ୍ଲା ବ୍ୟାଡ଼ମିଂଟନ ଚାମ୍ପିୟନସିପ୍ ଉଦ୍‌ଘାଟିତ

ବଲାଙ୍ଗୀର,୨୦/୭: ବଲାଙ୍ଗୀରରେ ଜିଲ୍ଲା ବ୍ୟାଡ଼ମିଂଟସନ୍ ସଂଘ ଦ୍ୱାରା ସ୍ଥାନୀୟ ପିଆର୍ ହାଇସ୍କୁଲ ଇଣ୍ଡୋର ଷ୍ଟାଡ଼ିୟମ ଠାରେ ଯୋନେକ୍ସ ସନରାଇଜ୍ ଜିଲ୍ଲା ବ୍ୟାଡ଼ମିଂଟନ ଚାମ୍ପିୟନସିପ୍ ଉଦ୍‌ଘାଟିତ ହୋଇଯାଇଛି। ଜିଲ୍ଲା କ୍ରୀଡ଼ା ଅଧିକାରୀ ତଥା କ୍ରୀଡ଼ା ନିରୀକ୍ଷକ ପରାଶର ବାଗ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିବାର ସୂଚନା ରହିଛି। ଏହି ଚାମ୍ପିୟନ୍‌ସିପ୍‌ରେ ୨୫୦ରୁ ଅଧିକ ପ୍ରତ୍ୟେକ ବର୍ଷର ଉଭୟ ବାଳକ ବାଳିକା ତଥା ମହିଳା ପୁରୁଷ ଭାଗ ନେଇଛନ୍ତି ବୋଲି ଜିଲ୍ଲା ବେଡ଼ମିଂଟନ ସଂଘର ସୁରୁଲାଲ ମଟାରୀ ସୂଚନା ଦେଇଛନ୍ତି।

## ଲୁହାପଥର ଚୋରା ଚାଲାଣ ବେଳେ ୩୭ ଟନ୍ ଚୋରା ମାଲ୍ ସହ ହାଇୱା ଜବତ ଚାଳକ ଓ ହେଲପର୍ ଗିରଫ



କୋଇଡା,୨୦/୭(ନି/ପ୍ର): ଦୀର୍ଘ ବର୍ଷ ଧରି ଲୁହାପଥର ଓ ମାଙ୍ଗାନିଜ୍ର ଚୋରାଚାଲାଣର ହବ୍ କୁହାଯାଉଥିବା କୋଇଡା ଅଚଂଳରେ ସକ୍ରିୟ ଥିବା ଖଣି ମାଫିଆଙ୍କୁ ଚେକ୍ ଦେବା ପାଇଁ ଅଟାଂ ଭିଡିଛନ୍ତି ନୂତନ ଭାବେ ଯୋଗଦାନ କରିଥିବା କୋଇଡା ବନାଚଂଳ ଅଧିକାରୀ ଅସିତ୍ କୁମାର ସାହୁ। ଗତ ଏପ୍ରିଲ ୧ ତାରିଖ କାର୍ଯ୍ୟାଳୟ ଯୋଗଦାନ କରିବା ମାତ୍ରେ ବଣାଇଁ ଡିଏଫଓ ଜଶବନ୍ତ ସେଠୀ ଙ୍କ ନିର୍ଦ୍ଦେଶ କ୍ରମେ ଏକ ଟାସ୍କ ଫୋର୍ସ ଟିମ୍ ଗଠନ କରିଥିଲେ। ଚୋରା ଅଚଂଳ ମାନଙ୍କରେ ନିରନ୍ତର ପେଟ୍ରୋଲିଂ କରି ଚୋରା ଚାଲାଣ ଉପରେ ବହୁ ମାତ୍ରାରେ ଅଙ୍କୁଶ ଲଗାଇଛନ୍ତି। ଅନ୍ୟପଟେ ଅନ୍ଧାର ଓ ବର୍ଷାର ଫାଇଦା ନେଇ ଖଣି ମାଫିଆ ମଧ୍ୟ ଚୋରା ଚାଲାଣ ପାଇଁ ସୁଯୋଗ ଖୋଜୁଥିବାର ଦେଖିବାକୁ ମିଳିଛି। ଏ ନେଇ ପୁର୍ବର ଖନନ କରି ରଖିଥିବା ଚୋରା ମାଙ୍ଗାନିଜ୍ ଗତ ୨ ତାରିଖ ଗଣୁଆ ମାଲଦା ଅଚଂଳରୁ ଆନୁମାନିକ ୫ ଲକ୍ଷ ଟଙ୍କାର ଗଚ୍ଛିତ ମାଙ୍ଗାନିଜ, ୬ ଜୁଲାଇରେ ମାଲଦା ସଂରକ୍ଷିତ ଜଙ୍ଗଲରୁ ୧୧ ଲକ୍ଷ ଟଙ୍କାର ମାଙ୍ଗାନିଜ ବନ ବିଭାଗ ଜବତ କରିଥିଲେ। ଆଜି ବଡି ଭୋର୍ ରୁ ପାଟମୁଣ୍ଡା ପଚାଂୟତ ନିଲାଁଳ ଖଣି ନିକଟସ୍ଥ ଜଙ୍ଗଲ ମଧ୍ୟରେ ଏକ ହାଇୱା ଗାଡି ଓଡି୦୨ସିଭି୦୦୪୦ ମାଙ୍ଗାନିଜ ଚୋରା ଚାଲାଣ ବେଳେ ମାଡି ବସିଥିଲେ ବନ ବିଭାଗ ଟିମ୍। ଏହା ଦେଖି ଚାଳକ ବିକାଶ ତନ୍ତୀ (୩୨) ଓ ହେଲପର ସାଧୁଚରଣ କଳା(୧୮) ଖସିଯିବାକୁ ଚେଷ୍ଟା କରିଥିଲେ ହେଲେ ମାଡି ବସି ଧରିବାରେ ସଫଳ ହୋଇଥିଲେ ଟିମ୍। ଚୋରାଚାଲାଣ ବ୍ୟବହୃତ ହାଇୱା ୩୭ ଟନ୍ ମାଙ୍ଗାନିଜ ଜବତ ସହ ଚାଳକ ଓ ହେଲପର କୁ ଗିରଫ କରି ମାମଲା ରୁଜୁ କରିଛନ୍ତି। ଆଗକୁ ଖଣି ମାଫିଆଙ୍କୁ ସାବାଡ୍ କରାଯାଇ ଗିରଫ କରାଯିବ ଓ ଅଚଂଳରୁ ସମ୍ପୁର୍ଣ୍ଣ ଚୋରାଚାଲାଣ ଶେଷ କରିଦେବାକୁ ପ୍ରକାଶ କରିଛନ୍ତି କୋଇଡା ବନାଚଂଳ ଅଧିକାରୀ ଅସିତ୍ କୁମାର ସାହୁ।

## ଏସଏସଆରଭିଏମ୍ ରେ ବୃକ୍ଷରୋପଣ କାର୍ଯ୍ୟକ୍ରମ

ରାଉରକେଲା,୨୦/୭(ନି/ପ୍ର): ଶ୍ରୀ ଶ୍ରୀ ରବିଶଙ୍କର ବିଦ୍ୟାମନ୍ଦିର ପରିଚାଳିତ ସେକ୍ଟର ୨୦ ସ୍ଥିତ ଇସ୍ପାତ ଇଂଲିଶ ସ୍କୁଲ ଓ ରାଉରକେଲା ଯୁବ ହଷ୍ଟେଲର ମିଳିତ ଆନୁକୂଲ୍ୟରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷୟିତ୍ରୀ ମୀନାକ୍ଷୀ ପାଢ଼ୀ ଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍କୁଲର ଅଧ୍ୟକ୍ଷା ଡ ଖୁସବୁ ଜ୍ୟୋତି, ଅଧିକାରୀ ସୁଚିନ୍ଦ୍ରମ ସେନଗୁପ୍ତ, ଶିକ୍ଷୟିତ୍ରୀ ମୋନାଲିସା ପଟ୍ଟନାୟକ, ଯୁବ ହଷ୍ଟେଲ ସଭାପତି ପ୍ରତାପ ସ୍ୱାଇଁ, ଅଧକ୍ଷ ବୁଦ୍ଧଦେବ ବସୁ, ଉପସଭାପତି ଜି ଏନ୍ ଶ୍ରୀବାସ୍ତବ, ସମ୍ପାଦକ ନିରଞ୍ଜନ ବେହେରା, ସରୋଜ ପଟ୍ଟନାୟକ,ସମରକାନ୍ତ ମଲ୍ଲିକ ପ୍ରମୁଖ ବୃକ୍ଷ ରୋପଣ ର ଉପକାରିତା ସମ୍ପର୍କରେ ବକ୍ତବ୍ୟ ରଖିବା ସହ ଓ ବ୍ୟାପକ ବୃକ୍ଷରୋପଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ସ୍କୁଲ ପରିସରରେ ଉଭୟ ଅନୁଷ୍ଠାନର କର୍ମକର୍ତ୍ତା, ଶିକ୍ଷକ ଶିକ୍ଷୟିତ୍ରୀ ତଥା ଛାତ୍ରଛାତ୍ରୀ ମାନେ ଶତାଧିକ ବୃକ୍ଷ ରୋପଣ କରିଥିଲେ। ଶେଷରେ ଯଶବିନ୍ଦର କୌର ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଯୁବ ହଷ୍ଟେଲର ସମସ୍ତ ସଦସ୍ୟ ସଦସ୍ୟା ଓ ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ ମାନେ ପରିଚାଳନା ରେ ସହଯୋଗ କରିଥିଲେ।

# ସାର ପାଇଁ ଦହଗଞ୍ଜ ଚାଷୀ:

## ଧାଡ଼ିରେ ଆଧାରକାର୍ଡ, ଅପେକ୍ଷାରେ ୨ ଶହରୁ ଅଧିକ



ସୁନ୍ଦରଗଡ,୨୦/୭(ନି/ପ୍ର): ରାସ୍ତାରୁ ଅଫିସ ଯାଏ ପ୍ରାୟ ଅଧ କିଲୋମିଟର ରାସ୍ତାରେ ଆଧାରକାର୍ଡରଧାଡ଼ି ଲମ୍ବିଛି। ଖାତାରେ ଯେଉଁ ଆଧାରକାର୍ଡର ନାମ ଦରଜ ହେବ ସେ ପାଇବ ସାର। ଦିନକୁ ଗଣି ଗଣି ମାତ୍ର ୬୦ଟି ଆଧାରକାର୍ଡରେ ଉଠିବ ସାର। ଅନ୍ୟମାନେ ଖାଲି ହାତରେ ଫେରିଯିବେ। ଆଜି ଭୋରରୁ ସୁନ୍ଦରଗଡ଼ ଆଚଂଳିକ ବିପଣନ ସମବାୟ ସମିତି (ଆରସିଏମଏସ) ଅଫିସ ଆଗରେ ସାର ପାଇଁ ଏଭଳି ଆଧାର ଧାଡ଼ି ଦେଖିବାକୁ ମିଳିଛି। ମାତ୍ର ୬୦ ଜଣଙ୍କୁ ସାର ମିଳିବାକୁ ଥିବା ବେଳେ ଅପେକ୍ଷାରେ ଅଛନ୍ତି ୨ ଶହରୁ ଅଧିକଚାଷୀ। ସୁନ୍ଦରଗଡ଼ ଆଚଂଳିକ ବିପଣନ ସମବାୟ ସମିତି ତରଫରୁ ୨୦ ତାରିଖରେ କେବଳ ପୌରାଚଂଳର ଧାନ ବିକ୍ରୟ ପାଇଁ ପଞ୍ଜୀକରଣ କରିଥିବା ଚାଷୀଙ୍କୁ ଗୋଟିଏ ଡିଏପି ଓ ଗୋଟିଏ ନାନୋ ୟୁରିଆ ଦିଆଯିବ ବୋଲି ନୋଟିସ ଜାରି କରାଯାଇଥିଲା। ଚାଷୀମାନେ ସାର ପାଇବା ଆଶାରେ ଭୋରରୁ ଆସି ଏମିତି ଆଧାରକାର୍ଡର ଲମ୍ବା ଧାଡ଼ି ବନାଇଛନ୍ତି। ଅଫିସ ଖୋଲିଲେ ସାର ମିଳିବ। ସାର ବସ୍ତାଏ ପାଇଁ ସୁନ୍ଦରଗଡ଼ର ଚାଷୀ କେମିତି ଦହଗଞ୍ଜ ହେଉଛନ୍ତି ଏହା ତାର ଉଦାହରଣ। ସାର ଅଭାବ ଥିବାବେଳେ ଦିନକୁ ମାତ୍ର ୬୦ ଜଣ ଚାଷୀଙ୍କୁ ନାମକୁ ମାତ୍ର ବସ୍ତାଏ, ଦିବସ୍ତା ସାର ଦେଇ ସରକାର ହାତ ଝାଡ଼ିଦେବାକୁ ବସିଥିବା ଅଭିଯୋଗ ହୋଇଛି। ଏ ୬୦ ଜଣିଆ ନିୟମ ହଟାଇ ଚାଷୀଙ୍କୁ ଆବଶ୍ୟକ ମୁତାବକ ସାର ଯୋଗାଇଦେବାକୁ ଦାବି ହେଉଛି।

## ଆରଏସପିରେ "ମୋ ୟୁନିଟ୍‌ରେ ଜିରୋ ଡେମରେଜ୍" ଶୀର୍ଷକ କର୍ମଶାଳା



ରାଉରକେଲା,୨୦/୭(ନି/ପ୍ର): ଲଜିଷ୍ଟିକ୍ସ ଦକ୍ଷତାକୁ ସୁଦୃଢ଼ କରିବା ଏବଂ ପରିଚାଳନା ଖର୍ଚ୍ଚ ହ୍ରାସ କରିବା ଦିଗରେ ଏକ ପଦକ୍ଷେପ ସ୍ୱରୂପ, ସେଲ୍ ଅନ୍ତର୍ଗତ ରାଉରକେଲା ଇସ୍ପାତ କାରଖାନା ର ଟ୍ରାଫିକ ଏଣ୍ଡ ର' ମ୍ୟାଟେରିଆଲ୍ସ ବିଭାଗ ପକ୍ଷରୁ ଲର୍ଣ୍ଣିଂ ଏଣ୍ଡ ଡେଭେଲପମେଂଟ ସେଂଟର ଠାରେ "ମୋ ୟୁନିଟ୍‌ରେ ପ୍ରୋଜେକ୍ଟ ଜିରୋ ଡେମୁରେଜ୍" ବିଷୟବସ୍ତୁ ଉପରେ ଏକ ଏକଦିବସୀୟ ପ୍ରଦର୍ଶନ ଉନ୍ନତିକରଣ କର୍ମଶାଳା (ପି ଆଇ ଡବ୍ଲ୍ୟୁ) ଆୟୋଜିତ ହୋଇଯାଇଛି। ଏହି କର୍ମଶାଳାକୁ ନିର୍ବାହୀ ନିର୍ଦ୍ଦେଶକ (କାର୍ଯ୍ୟ) ଶ୍ରୀ ବି. ପଲାଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଭାରପ୍ରାପ୍ତ ମୁଖ୍ୟ ମହାପ୍ରବନ୍ଧକ, ସେବା, ଶ୍ରୀ ଏ.ସି. ସରକାର , ଭାରପ୍ରାପ୍ତ ମୁଖ୍ୟ ମହାପ୍ରବନ୍ଧକ, ରକ୍ଷଣାବେକ୍ଷଣ, ଶ୍ରୀ ଏସ୍.ଏସ୍. ରାୟ ଚୌଧୁରୀ, ମୁଖ୍ୟ ମହାପ୍ରବନ୍ଧକ - ଟି ଆଣ୍ଡ ଆରଏମ୍, ଶ୍ରୀ କେ. ସୁନୟାନୀ, ମୁଖ୍ୟ ମହାପ୍ରବନ୍ଧକ, ପିପିସି, ଶ୍ରୀମତୀ ସୁନୀତା ସିଂହ, ମୁଖ୍ୟ ମହାପ୍ରବନ୍ଧକ, ସିଓ ଏଣ୍ଡ ସିସିଡି, ଶ୍ରୀ ରାକେଶ ଜୋଶୀ , ମୁଖ୍ୟ ମହାପ୍ରବନ୍ଧକ - ଏନପିଏମ୍ ଏଣ୍ଡ ଡିଜିଟାଲାଇଜେସନ, ଶ୍ରୀ ଆର.କେ. ମୁଦୁଲି , ମୁଖ୍ୟ ମହାପ୍ରବନ୍ଧକ - ଏଚଏସଏମ ଏଣ୍ଡ ଅକ୍ସିଲିଆରି, ଶ୍ରୀ ସୁବ୍ରତ କୁମାର , ମୁଖ୍ୟ ମହାପ୍ରବନ୍ଧକ - ପିଏମ୍ ଏଣ୍ଡ ଏସପିପି, ଶ୍ରୀ ଏତୱା ଓରାମ , ଆଚଂଳିକ ରେଳବାଇ ପ୍ରବନ୍ଧକ, ଭାରତୀୟ ରେଳବାଇ, ଶ୍ରୀ ଏ.କେ. ଷଡ଼ଙ୍ଗୀ ଏବଂ କାରଖାନାର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲାଷ୍ଟ ଫର୍ଣ୍ଣେସ୍, ଟି ଆଣ୍ଡ ଆରଏମ୍, ର' ମ୍ୟାଟେରିଆଲ୍ସ ହ୍ୟାଣ୍ଡଲିଂ ପ୍ଲାଂଟ, କୋକ୍ ଓଭେନ୍ସ, ପ୍ଲେଟ୍ ମିଲ୍, ନ୍ୟୁ ପ୍ଲେଟ୍ ମିଲ୍, ଏଚ୍ଏସ୍ଏମ୍-୨, ପିପିସି, ଆର୍ ଆଣ୍ଡ ସି ଲ୍ୟାବ୍ ଏବଂ ଏନଏସପିସିଏଲ୍ ?ର ପ୍ରାୟ ୫୦ ଜଣ ଅଧିକାରୀ ଓ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ନିଜର ଉଦ୍‌ଘାଟନୀ ଅଭିଭାଷଣରେ ଶ୍ରୀ ପଲାଇ ଗୁରୁତ୍ୱାରୋପ କରି କହିଥିଲେ ଯେ ଡେମରେଜ୍ ହ୍ରାସ କରିବା ଆରଏସପି ପାଇଁ ଏକ ରଣନୈତିକ ପ୍ରାଥମିକତା। ସେ ଉଲ୍ଲେଖ କରିଥିଲେ ଯେ ଡେମରେଜ୍‌କୁ ସର୍ବନିମ୍ନ କରିବା ଦ୍ୱାରା ରେକ୍ ଆବର୍ତ୍ତନ ସମୟରେ ଉନ୍ନତି ଆସେ, ଲଜିଷ୍ଟିକ୍ସ ଖର୍ଚ୍ଚ ହ୍ରାସ ପାଏ, ଭାରତୀୟ ରେଳବାଇ ସହିତ ସମନ୍ୱୟ ବୃଦ୍ଧି ପାଏ ଏବଂ କାରଖାନାର ସାମଗ୍ରିକ ପ୍ରତିଯୋଗିତାମୂଳକ ସୁଦୃଢ଼ ହୁଏ। ଏହି କର୍ମଶାଳାରେ ଭାରତୀୟ ରେଳବାଇର କାର୍ଯ୍ୟକାରୀ ନିୟମାବଳୀ, ବର୍ତ୍ତମାନର ରେକ୍ ଲୋଡିଂ ଏବଂ ଅନଲୋଡିଂ ଆବର୍ତ୍ତନ ପ୍ରଦର୍ଶନ, ବିଭାଗୱାରୀ ଡେମରେଜ୍ ମେଟ୍ରିକ୍ସ ଏବଂ ସମ୍ଭାବ୍ୟ ଉନ୍ନତିର ସୁଯୋଗ ସହିତ କାର୍ଯ୍ୟକ୍ଷେତ୍ରର ଆହ୍ୱାନଗୁଡ଼ିକ ଉପରେ ପ୍ରେଜେଂଟେସନ୍ ସ୍ଥାନ ପାଇଥିଲା। ସଠିକ୍ ସମୟରେ ରେକ୍ ସ୍ଥାପନ ଏବଂ ପ୍ରସ୍ଥାନ, ଦକ୍ଷ ଲୋଡିଂ/ଅନଲୋଡିଂ କାର୍ଯ୍ୟ ଏବଂ ନିରବଚ୍ଛିନ୍ନ ଆନ୍ତଃ-ବିଭାଗୀୟ ସମନ୍ୱୟ ଉପରେ ଗୁରୁତ୍ୱ ଦିଆଯାଇଥିଲା। ନିର୍ଦ୍ଦିଷ୍ଟ ପରିଚାଳନାଗତ ସମସ୍ୟାଗୁଡ଼ିକର ବିଶ୍ଳେଷଣ କରିବା ଏବଂ କାର୍ଯ୍ୟକାରୀ ସମାଧାନର ପ୍ରସ୍ତାବ ଦେବା ପାଇଁ ଅଂଶଗ୍ରହଣକାରୀମାନଙ୍କୁ ସାତୋଟି ସିଣ୍ଡିକେଟ୍ ଗ୍ରୁପ୍‌ରେ ବିଭକ୍ତ କରାଯାଇଥିଲା। ପାରସ୍ପରିକ ଆଲୋଚନା ମାଧ୍ୟମରେ, ଗ୍ରୁପ୍‌ଗୁଡ଼ିକ ବିଳମ୍ବକୁ ଦୂର କରିବା ଏବଂ ଡେମରେଜ୍‌କୁ ସର୍ବନିମ୍ନ କରିବା ପାଇଁ ପ୍ରକ୍ରିୟା ସରଳୀକରଣ, ସୁଦୃଢ଼ ମନିଟରିଂ, ଉତ୍ତରଦାୟିତ୍ୱ ବୃଦ୍ଧି ଏବଂ ଅଂଶୀଦାରମାନଙ୍କ ମଧ୍ୟରେ ଉନ୍ନତ ସମନ୍ୱୟ ଉପରେ କେନ୍ଦ୍ରୀଭୂତ ପଦକ୍ଷେପଗୁଡ଼ିକର ପରାମର୍ଶ ଦେଇଥିଲେ।

# ବସୁଧୈବ କୁଟୁମ୍ବକମ୍‌ର ବୃକ୍ଷରୋପଣ କାର୍ଯ୍ୟକ୍ରମ




ରାଉରକେଲା,୨୦/୭(ନି/ପ୍ର): ସାମାଜିକ ଅନୁଷ୍ଠାନ ବସୁଧୈବ କୁଟୁମ୍ବକମ୍ ତରଫରୁ ତର୍କରା ସ୍ଥିତ ବିଦ୍ୟୁତ କଲୋନୀ ଉଚ୍ଚ ବିଦ୍ୟାଳୟ ଠାରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଉପଦେଷ୍ଟା ପ୍ରାକ୍ତନ ପ୍ରଶାସକ ମହେନ୍ଦ୍ର କୁମାର ପଟ୍ଟନାୟକ ଙ୍କ ସଂଯୋଜନା ଓ ସଭାପତି ବିଜୟଲକ୍ଷ୍ମୀ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ମନୋରଞ୍ଜନ ଦାଶ, ଜର୍ଣ୍ଣାଲିଷ୍ଟ ଆସୋସିଏସନର ଉପସଭାପତି ତଥା କବି କୁଞ୍ଜବିହାରୀ ରାଉତ, ସାମ୍ବାଦିକ ରଞ୍ଜିତ କୁମାର ବୋଷ, ଓଷ୍ଟା ର ଜିଲ୍ଲା ସାଧାରଣ ସମ୍ପାଦକ ତଥା ଶିକ୍ଷାବିତ ସନ୍ତୋଷ କୁମାର ନାୟକ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ସିଂହ ଓ ଅନୁଷ୍ଠାନର ସାଧାରଣ ସମ୍ପାଦକ ଅନିଲ କୁମାର ଦାଶ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଏଭଳି କାର୍ଯ୍ୟକ୍ରମର ଉଚ୍ଚ ପ୍ରଶଂସା କରିବା ସହ ବୃକ୍ଷ ରୋପଣ ର ଉପକାରିତା ଓ ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ। ଅତିଥିମାନେ ସେମାନଙ୍କ ବକ୍ତବ୍ୟରେ ସାମ୍ପ୍ରତିକ ସ୍ଥିତିରେ ଜଣେ ବୟସ୍କ ବ୍ୟକ୍ତି ସାଧାରଣତଃ ୫୪୦ ଲିଟର ଅମ୍ଳଜାନ ଗ୍ରହଣ କରୁଥିବା ବେଳେ ଗୋଟିଏ ପ୍ରାପ୍ତବୟସ୍କ ଗଛ ଟିଏ ୨୭୦ ଲିଟର ଅମ୍ଳଜାନ ପ୍ରଦାନ କରିଥାଏ। ତେଣୁ ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ଦୁଇଟି ଗଛର ଆବଶ୍ୟକତା ପଡୁଥିବା ବେଳେ ଏହି ସମସ୍ୟାର ସମାଧାନ ପାଇଁ ସମସ୍ତ ନାଗରିକ ବୃକ୍ଷ ରୋପଣ କରିବା ଓ ଅନ୍ୟମାନଙ୍କୁ ଏଦିଗରେ ପ୍ରୋତ୍ସାହିତ କରିବା ପାଇଁ ଅନୁରୋଧ କରିଥିଲେ। ନଚେତ୍ ଆଗାମୀ ଦିନରେ ଅମ୍ଳଜାନ ଥଳି ଧରି ବୁଲିବା ପାଇଁ ସତର୍କ କରାଇଦେଇଥିଲେ। ଏହି ଅବସରରେ ସମସ୍ତ ଅତିଥି ଓ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ତଥା ଛାତ୍ରଛାତ୍ରୀମାନେ ବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରକାରର ବୃକ୍ଷ ଚାରା ରୋପଣ କରିଥିଲେ। ଏହି ଅବସରରେ ସଭାପତି ଶ୍ରୀମତୀ ପଟ୍ଟନାୟକ ବୃକ୍ଷ ସମ୍ପର୍କୀତ ଏକ କବିତା ପାଠ କରିଥିଲେ। ଶେଷରେ ପ୍ରଧାନ ଶିକ୍ଷକ ଶ୍ରୀ ସିଂହ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଶିକ୍ଷକ ପ୍ରଫୁଲ୍ଲ କୁମାର ସ୍ୱାଇଁ, ସୁରେନ୍ଦ୍ର କୁମାର ଦେବତା, ବନାନୀ ରାଉତ, ଗଦାଧର ମିଶ୍ର, ସନ୍ତୋଷ କୁମାର ସ୍ୱାଇଁ, ରଞ୍ଜନ ଆଚାର୍ଯ୍ୟ, ନୀତି ମୁଣ୍ଡା,ତୁଳା ମୁଣ୍ଡା,ପ୍ରତାପ ମାହାନ୍ତ, ପ୍ରଦୀପ ମାହାନ୍ତ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।